
Bastabatara Pariprakash
PRACHEE ▪ Vol. 1 ▪ Issue - 7 ▪ October 2015 ▪ Title Code : ODIODI07446

ଅକ୍ଟୋବର ୨୦୧୫
୨୫ ଟଙ୍କା
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ଶାରଦୀୟ ବିଶେଷାଙ୍କ



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସଂପାଦକ :

ଡ. [illegible]



ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତିଭାବେ ମନଗହନରୁ ଭାସିଆସି ଲୋକମାନଙ୍କୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଆଛି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ତ୍ରିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାର୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର
ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ
ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି
ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ
କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା
କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ
ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ
ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ
ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

□ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ
ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........

□ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ
ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........

□ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି ।
ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........

□ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ
ଆଜି ମତେ ..........

□ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ
ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ
ବିଲୁପ୍ତ, ବୁଝି ପାରେନା.......

□ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ
ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର
କଳ୍ପନା କରିପାରେନା ...... ....

□ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା
ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର
ହୁଏ କାହିଁକି ..........

□ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ
ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........

□ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା
ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........

□ ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ
ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........

□ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼
ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........

□ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ
ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ
ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ
ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, October, 2015, Issue No. VII

Title Code : ODIODI07446

**ପ୍ରାଚୀ ପରିବାର :**

ଉପଦେଷ୍ଟା :
କୃଷ୍ଣ ଚନ୍ଦ୍ର ଦାସ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଜ୍ଞା

ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ

ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା

ଉପସ୍ଥାପନା :
ମମତା ଖଣ୍ଡାୟତରାୟ

ଡିଟିପି :
ମନୋଜ କୁମାର ଦାସ

ପ୍ରଚ୍ଛଦ :
ବିଭୁପ୍ରସାଦ ନାୟକ

ଅଳଙ୍କରଣ :
ବିଜୟ କୁମାର ସାହୁ

ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ

ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ

ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ

ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

Declaration
Edited & Published by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.com

# ଏଇ ସଂଖ୍ୟାରେ...


- ଜଗତବନ୍ଧ୍ୟା
  ଡଃ ନିରଞ୍ଜନ ସାହୁ — ୫
- ନମୋ ନାରାୟଣୀ
  ଗୀତାଞ୍ଜଳୀ ନାୟକ — ୮
- ସାହିତ୍ୟରେ ଦୁର୍ନୀତି
  ଶ୍ରୀ ସତ୍ୟନାରାୟଣ ନନ୍ଦ — ୯
- ଦୌଡ଼
  ନେତାଜୀ ଅଭିନନ୍ଦନ — ୧୦
- ସଚମୁଁହ
  ଦେବାଶିଷ ସାମନ୍ତରାୟ — ୧୩
- ଗାନ୍ଧିବାଦ
  ତରୁଣ କୁମାର ସାହୁ — ୨୦
- ତଥାପି ଅପେକ୍ଷା କରାଯାଉ
  ଡକ୍ଟର ବିଜୟାନନ୍ଦ ସିଂହ — ୨୪




# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................................

ଜିଲ୍ଲା........................................................................ ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ................................................ ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

---

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଜଗତବନ୍ଦ୍ୟା

ଡଃ ନିରଞ୍ଜନ ସାହୁ

ମା' ଶାରଦା ବରଦହସ୍ତ। ସେ ମହାପାପ ବିନାଶିନୀଫଳଦା ସେ ଶୁମ୍ଭ-ନିଶୁମ୍ଭ ବିନାଶିନୀ-ଆର୍ତ୍ତି ହାରିଣୀ। ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କର ନେତ୍ର ଯୁଗଳ ଭାବେ ଶୋଭିତ। ଅଗ୍ନି ସଦୃଶ ଯାହାଙ୍କର ମୁଖମଣ୍ଡଳ ଶୁଦ୍ଧ ଓ ଜ୍ୟୋତିର୍ମୟ, ମା' ଶାରଦୀୟ ଦୁଃଖହାରିଣୀ, ବ୍ୟାଧି ବିନାଶିନୀ, ମୋକ୍ଷକାରିଣୀ, ମନୋବାଞ୍ଛା ପ୍ରଦାୟିନୀ। ସେ ଶକ୍ତି ସରୂପିଣୀ, ଆଦିଶକ୍ତି ଜନନୀ-ପରମ ବୈଷ୍ଣବୀ।

"ନମଃ କଲ୍ୟାଣଦେ ଦେବୀ ନମଃ ଶଙ୍କର ବଲ୍ଲଭେ ନମୋ ଭକ୍ତିପ୍ରିୟେ ଦେବୀ ଶାରଦାୟୈ ନମୋସ୍ତୁଃତେ। ସାଧକେ ଭ୍ୟଷ୍ଟଦେ ଦେବୀ ଭବଦୁଃଖ ବିନାଶିନୀ ଶୁଦ୍ଧଭାରନତେ ଦେବି ଶରଦାୟୈ ନମୋସ୍ତୁତେ।" ମା' ଶାରଦାୟୀ ତନ୍ତ୍ର, ମନ୍ତ୍ର, ଯନ୍ତ୍ରର ଅଧିଦେବୀ। ବୈକୁଣ୍ଠରେ ସେ କମଳା। ବ୍ରହ୍ମଲୋକରେ ସେ ସାବିତ୍ରୀ। ସେ ମଧ ବାକ୍ ସରୂପିଣୀ ଭାରତୀ। କୈଳାସ ପର୍ବତରେ ସେ ମହାଦେବୀ ପାର୍ବତୀ। ସେ ଦେବ ମାତା ଗାୟତ୍ରୀ। ଧ୍ୟାନଯୋଗୀର ଧ୍ୟାନ ନେତ୍ରରେ ସେ ତପ୍ତ କାଞ୍ଚନ ଗୌରାଙ୍ଗୀ, ସୁଲୋଚନା, ନବ ଯୌବନ ସଂପନ୍ନା, ସର୍ବଭରଣମୟୀ ମା'ଜଗତ ଜନନୀ। ମହିଷାସୁର ମର୍ଦ୍ଦନୀ, ଜଗତପାଳିନୀ। "ତପ୍ତକାଞ୍ଚନ ବର୍ଣ୍ଣାଭାଂ ସପ୍ରତିଷ୍ଠାଂ ସୁଲୋଚନାମ୍ ନବଯୌବନ ସଂପନ୍ନାଂ ସର୍ବାଭରଣ ଭୂଷିତାମ୍। ସୁଚାରୁ ଦଶନାଂ ଦେବୀ ପୀନୋନ୍ନତ ପୟୋଧରାମ ତ୍ରିଭଙ୍ଗସ୍ଥାନ ସଂସ୍ଥାନାଂ ମହିଷାସୁର ମର୍ଦ୍ଦିନୀଂ। ମୃଣାଳତ୍ର ସଂସ୍ପର୍ଶ ଅଷ୍ଟବାହୁ ସମନ୍ୱିତାମ୍ ତ୍ରିଶୂଳଂ ଦକ୍ଷିଣେଧେୟଂ ଖଡ଼ଗଂ, ଚକ୍ରଂ କ୍ରମ ଦଧାଶତ୍।"

ମା' ଶାରଦାୟୀ ଗୋପିନୀ ବାସିନୀ, ଦୁଷ୍ଟବିନାଶିନୀ, ଘର୍ଘର ନାଦିନୀ, ଘଣ୍ଟ ବିନୋଦିନୀ, ଡମ୍ବରୁ ବାଦିନୀ, ନୃତ୍ୟ ବିଳାଶିନୀ, କୁଙ୍କୁମ ମର୍ଦ୍ଦିନୀ, ଦୁର୍ଗତି ତାରିଣୀ। ସେ କୃଷ୍ଣବିନୋଦିନୀ। ସେ କୋକିଳ ଭାଷିଣୀ। ସେ ବିଶ୍ୱନିସ୍ତାରିଣୀ। ସେ ଭାବିନୀ, ତାରିଣୀ, ମାନିନୀ, ପାଳିନୀକରିଣୀ, ଦାନିନୀ, ଖର୍ପର ଧାରିଣୀ, ଦୈତ ନିବାରିଣୀ, ବିନ୍ଧ୍ୟ ବିନାସିନୀ, ଶାସ୍ତ୍ର ବିଚାରିଣୀ, ମନ୍ତ୍ର ବିଚାରିଣୀ, ହିଙ୍ଗୁଳ ପାଦିନୀ, ମଙ୍ଗଳ ନାଦିନୀ, ଚମ୍ପକ ମଣ୍ଡିନୀ, ଦୁର୍ଗତି ତାରିଣୀ, ଆଦି ନିବାସିନୀ, ବିଶ୍ୱବିଳାସିନୀ, ରାଜରାଜେଶ୍ୱରୀ, ମା'ଭଗବତୀ। ସେ ଝଙ୍କଡ଼ ବାସିନୀ, କୈଳାସ ନନ୍ଦିନୀ, ଶଙ୍କଟ ତାରିଣୀ, ଦୁର୍ଗତିନାଶିନୀ, ତ୍ରିପୁର ଜନନୀ, ଦନୁଜ ଦଳିନୀ, ଅଭୟ ଦାୟିନୀ ବିଦ୍ୟା ପ୍ରଦାୟିନୀ, ପରମଆରାଧ୍ୟ ଜଗତଜନନୀ।

ମା' ଶାରଦୀୟ ଜଗତ ବନ୍ଦ୍ୟା। ତାଙ୍କର ମୁଖର କାନ୍ତି କୋଟି ସୂର୍ଯ୍ୟ ଜିଣି ତେଜୋଦୀପ୍ତ। କୋଟି ଚନ୍ଦ୍ରମା ଜିଣି ଶୀତଳ ପ୍ରଦାୟିନୀ। ପାଦର ଅଳତା, କଟିରେ କିଙ୍କଣୀ, ଗଳାରେ ଚାପସରି, ମୁଣ୍ଡରେ ପାଟଓଢ଼ଣୀ, ନୟନରେ କଜ୍ଜ୍ୱଳ, କପାଳରେ ସିନ୍ଦୂର ବିନ୍ଦୁ ଅତି ଶୋଭାବନ। ନାନାଦି ଭୂଷଣରେ ଆଭୂଷିତ ମା' ଶ୍ୱେତପଦ୍ମ ବାସିନୀ ଚୂଆ, ଚନ୍ଦନ କର୍ପୂର ଶ୍ରୀଅଙ୍ଗରେ ସୁଶୋଭିତା। ଗଳାରେ ପ୍ରଲମ୍ବିତ ମନୋହର ସୁଗନ୍ଧର ପୁଷ୍ପମାଳା। ମା' ବାଣୀ ପୁସ୍ତକ ଧାରିଣୀ। ଋଷି, ଯତି, ଶଚିପତି, ବ୍ରହ୍ମା, ଶଙ୍କର ଆଦିଦେବ ମା'ଙ୍କର ଚରଣ ବନ୍ଦନାରେ ଶତମୁଖ। ମା' କୃପାମୟୀ, ମା'କୃପାବିନା ଶିବ ଶବସମ। ପଣ୍ଡିତ ଜନର ପାଣ୍ଡିତ୍ୟ ହେଉଛନ୍ତି ସେ। ଶୂଳ ପାଣିଙ୍କର ଶୂଳ ହେଉଛନ୍ତି ସେ। ଦଣ୍ଡ ପାଣିଙ୍କର ଦଣ୍ଡ ହେଉଛନ୍ତି ସେ। ବେଦବରଙ୍କର ବେଦ ହେଉଛନ୍ତି ମା' ଶାରଦାୟୀ। ସେ ସାକାର-ନିରାକାର, ସେ ସଗୁଣନିର୍ଗୁଣ ଆତ୍ମରାମ ସନାତନୀ ମାୟାରେ ସେ ପ୍ରକୃତି ରୂପରେ ପ୍ରକାଶିତ। ହେ ମା' ଶାରଦାୟୀ ଶଙ୍କରୀ ସର୍ବେଶ୍ୱରୀ। ଦେବ ଦେବୀଙ୍କର ଶକ୍ତି ସରୂପିଣୀ। ସର୍ବ ସଂପଦ ଦାୟିନୀ। ଋଷି ଜନଙ୍କର ଋତା। ତପିଙ୍କର ତପସ୍ୟା। ସହସ୍ର ମୁଖରେ ଶେଷଦେବ ତୁମର ବନ୍ଦନା କଲେ ମଧ ବର୍ଣ୍ଣନା ଅସମ୍ଭବ।

ଗଣେଶ, ଶିବ ତୁମର ମହିମା କିଞ୍ଚିତ ପ୍ରକାଶ କରିପାରନ୍ତି ନାହିଁ। ହେ ମା' ତୁମେ ସର୍ବ ଜଗତର, ଆତ୍ମା, ପରମାତ୍ମା, ଆଦିମାତା। ହେ ମା' ତୁମର ଆନନ୍ଦବର୍ଦ୍ଧନ ପାଇଁ ଅପସରାମାନେ ଅତନ୍ଦ୍ର ନୃତ୍ୟରଣ। ଗନ୍ଧର୍ବଗଣ ସଙ୍ଗୀତ

ଗାୟନରେ ନିବିଷ୍ଟ । ସିଦ୍ଧ ଯତି, ଋଷିଗଣ କରଯୋଡ଼ି ସ୍ତବ ପାଠରେ ନିମଗ୍ନ । ତୁମେ ମହାମାୟା । ତୁମେ ଇଚ୍ଛାମୟୀ । ତୁମ ସଇଚ୍ଛାରେ ମହେଶ୍ୱର ମାୟାଧିନ ହୁଅନ୍ତି । ଅରେ ମାହାରେ ମହେଶ୍ୱର କବଳିତ ହୋଇ ଆତ୍ମ ଗର୍ବରେ ଅହଂକାର ପ୍ରକାଶ କଲେ । ସେ କହିଲେ - ମୁଁ ଦେବ ଦେବ ମହେଶ୍ୱର । ବିଶ୍ୱର ମୁଁ ଈଶ୍ୱର । ସମସ୍ତଙ୍କ ପରେ ମୋର ସ୍ଥଇତି । ନିମିଷକେ ମୁଁ ସକଳ ସଂହାର କରିପାରେ । ଜଗତରେ ମୋର ସମକକ୍ଷ କେହି ନାହାନ୍ତି । ବିଷ୍ଣୁ, ବ୍ରହ୍ମା, ଆଦି ଦେବତା ମୋର ଚରଣ ବନ୍ଦନା କରନ୍ତି । ମୁଁ ଆଶୁତୋଷ । ଯିଏ ଯାହା କାମନା କରେ ମୁଁ ତାହା ପୂରଣ କରିଥାଏ ।"

"ମନେ ମନେ ଚିନ୍ତା କଲେ ଦେବ ମହେଶ୍ୱର ।
ସମସ୍ତ ପରେ ମୁହିଁ ବିଶ୍ୱର ଈଶ୍ୱର ।
ନିମିଷକେ କରିପାରେ ସକଳ ସଂହାର ।
କେ ବା ଅଛି ମୋହ ସମ ଜଗତ ମଧର ।
ବିଷ୍ଣୁ ବ୍ରହ୍ମା ଆଦିକରି ଯେତେକ ଅମର ।
ଭକ୍ତିରେ କରନ୍ତି ପୂଜା ଚରଣ ମୋହର ।
ଆଶୁତୋଷ ମୋର ନାମ ସମସ୍ତେ ଜାଣନ୍ତି ।
ପୂରଣ କରେ ଯେ ମୁହିଁ ଯେ ଯାହା ଭାବନ୍ତି ।
ଏହି ରୂପେ ଆତ୍ମ ଗର୍ବ କରି ପଞ୍ଚାନନ
ଆପଣା ପ୍ରାଧାନ୍ୟ ସବୁ କରନ୍ତି ଚିନ୍ତନ । -
(ଶାରଳା ଅଷ୍ଟୋତ୍ତର ଶତନାମ)

ମା' ମହାମାୟା ଶିବାନୀ, ସାମୀ ଦେବ ଦେବ ମହାଦେବଙ୍କର ଗର୍ବ ଗଞ୍ଜନ ପାଇଁ ଚିନ୍ତା କଲେ । ନଖରେ ମାଟି ଖୋଳି ଏକ ମାଟି ଗୋଟାଳି ତିଆରି କଲେ । ସେହି ମାଟି ଗୋଟିକାକୁ ପ୍ରଭୁଙ୍କ ହାତକୁ ବଢ଼ାଇ ଦେଲେ । ମାଟି ଗୋଟିକାଟି ଦେଖି ପ୍ରଭୁ ଶୂଳପାଣି ଚିନ୍ମୟ ଭାବରେ ମୁଗ୍ଧ ହୋଇଗଲେ । ସେହି ଗୋଟିକାରେ ଏକ ଛିଦ୍ର ଥିଲା । ତାହା ଦ୍ୱାର ପରି ଦେଖାଯାଉଥିଲା । ଅଭ୍ୟନ୍ତରରେ ମଣି ମୁକ୍ତା, ରତ୍ନାଦି ସ୍ତରେ ସ୍ତରେ ଭରି ରହିଥିଲା । ବିମୁଗ୍ଧ ତଥା ପ୍ରଲୋଭିତ ପଞ୍ଚାନନ ସେହି ଦ୍ୱାର ଦେଇ ଅଭ୍ୟନ୍ତରକୁ ପ୍ରବେଶ କଲେ । ତା'ର ମଧରେ ଏକ ରତ୍ନ ନିର୍ମିତ ମନ୍ଦିର ଦେଖିବାକୁ ପାଇଲେ । ସେହି ମନ୍ଦିରର ଦ୍ୱାର ଦେଶରେ ଦଶ ମୁଖ ବିଶିଷ୍ଟ ଆଉ ଏକ ମହୋଶ୍ୱରଙ୍କୁ ଦେଖିବାକୁ ପାଇଲେ । କେତେ ଇନ୍ଦ୍ର, ଅଗ୍ନି, ରୁଦ୍ରଗଣ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମା, ବିଷ୍ଣୁ, ଶିବ ସ୍ତବ ପାଠ କରୁଛନ୍ତି । ତାହାର କଳନ ନାହିଁ ।

"ତହିଁ ଭିତରେ ପ୍ରବେଶି ପ୍ରଭୁ ପଶୁପତି
ସ୍ୱର୍ଣ୍ଣ ସିଂହାସନ ଶୋଭେ ପ୍ରକୃତି ମୂରତି ।
କେତେ ଇନ୍ଦ୍ର କେତେ ବହ୍ନି କେତେ ରୁଦ୍ରଗଣ
କେତେ ତାରା କେତେ ସୂର୍ଯ୍ୟ ଚନ୍ଦ୍ର ଅଗଣନ ।
କେତେ ବ୍ରହ୍ମା କେତେ ବିଷ୍ଣୁ କିଏ କେତେ ତହିଁ
ବସିତ ଅଛନ୍ତି ତାର କଳନା ଯେ ନାହିଁ ।
ଏକ ମୁଖ ପଞ୍ଚମୁଖ କେତେ ପଞ୍ଚାନନ
କର ଯୋଡ଼ିଣ କରନ୍ତି ତୁମକୁ ସ୍ତବନ ।"

(-ଶାରଳା ଅଷ୍ଟୋତ୍ତର ଶତନାମ)

ତ୍ରୈଲୋକ୍ୟ ପାବନୀ ଦେବୀ ଶାରଦାମୟୀ ଦେବୀ ଆଦିଶକ୍ତିଙ୍କୁ ସେଠାରେ ଦର୍ଶନ କରି ଦେବ ମହେଶ୍ୱର ଆଚମ୍ବିତ ହୋଇଗଲେ । ଆପଣା ଭିତରେ ସୃଷ୍ଟି ହୋଇଥିବା ଆତ୍ମଗର୍ବ ପାଇଁ ମହେଶ୍ୱର ଲଜ୍ଜିତ ହୋଇଗଲେ । ନିଜକୁ ମଧ ନିନ୍ଦା କଲେ । ଚକ୍ଷୁ ସମ୍ମୁଖରେ ବିରାଜିତା ନିତ୍ୟାରାଧା, ରମ ବୈଷ୍ଣବୀ,ମହାତ୍ରିପୁରା ସୁନ୍ଦରୀଙ୍କ ଧ୍ୟାନ କରିବାକୁ ଲାଗିଲେ । ଅଜପା ଜପିବାକୁ ଲାଗିଲେ । ବେଦବାକ୍ୟରେ ସ୍ତୁତି କରିବାକୁ ଲାଗିଲେ । ଯେତେବେଳେ ଧ୍ୟାନଭଙ୍ଗ କରି ସେ ଚକ୍ଷୁ ଉନ୍ମୀଳିତ କଲେ ଚତୁର୍ଦ୍ଦିଗ ଦେଖି ବିସ୍ମିତ ହେଲେ । ସବୁ ଶୂନ୍ୟ କେହି ନାହାନ୍ତି । ମା' ଜଗଦମ୍ବା ତ୍ରିପୁରା ସୁନ୍ଦରୀ, ନିତ୍ୟରାଧା, ଶାରଦାୟୀବି ନାହାନ୍ତି । ସେ କୈଳାସରେ ପୂର୍ବପରି ସେମିତି ବସିଛନ୍ତି । ସମ୍ମୁଖରେ ସ୍ମିତ ମୁଖରେ ବସିଛନ୍ତି ପାର୍ବତୀ । ନଖରେ ଭୂମି ଖୋଳି ମାଟିର ଗୋଟିକା କରୁଛନ୍ତି । ଏ ସବୁ ଦେଖି ମହେଶ୍ୱର ଆତ୍ମଗର୍ବ ତ୍ୟାଗ କରି ଲଜ୍ଜ୍ୟାରେ ଦେବୀଙ୍କ ଉଦ୍ଦେଶ୍ୟରେ ସ୍ତବ ପାଠ କରିବାକୁ ଲାଗିଲେ । ସ୍ତବରେ ଶାରଦୀୟ ସନ୍ତୁଷ୍ଟ ହେଲେ । ତାଙ୍କ ପଦ୍ମ ପଲ୍ଲାସ ମୁଖାରବିନ୍ଦ ପ୍ରଫୁଲ୍ଲିତ ହୋଇଉଠିଲେ । ସେ ବିଶ୍ୱରୂପା ସରୂପରେ ପ୍ରତିଭାତ ହେଲେ । ସହସ୍ର ଶିର, ସହସ୍ର ମୁଖ, ସହସ୍ର ବାହୁ, ସହସ୍ର ଲୋଚନ ଓ ପ୍ରତି ଲୋମ କୂପରେ ଅନନ୍ତ ବ୍ରହ୍ମାଣ୍ଡ ଅଣୁ ରୂପରେ ପ୍ରତିଭାତ ହେଲେ । ସକଳ ଦେବତା ସ୍ତବପାଠ କରିବାକୁ ଲାଗିଲେ । ଏହା ଥିଲା

ଦୂଳିଭ ମୁହୂର୍ତ୍ତ । ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, ଚନ୍ଦ୍ର ସୂର୍ଯ୍ୟ, ଶଚୀ, ଯମ, ମରୁତଗଣ, ଅଦିତି, ରୋହିଣୀ, ବ୍ରହ୍ମାଣୀ, ମୁନି, ଋଷି, ଯତି, ମହାକାଳ, ସଭିଏଁ ସ୍ତବ ପାଠ କଲେ । ଆଦିମାତାଙ୍କ ବିବିଧନାମରେ ଉଚ୍ଚାରଣ କରି ସ୍ତୁତି କଲେ । ନାରାୟଣ ଦୁର୍ଗା ନାମରେ ସ୍ତୁତି କଲେ । ବ୍ରହ୍ମା ଜଗନ୍ମାତା କହି ସ୍ତବ କଲେ । ପୁରନ୍ଦର ଆଦିଶକ୍ତି କହି ପ୍ରାର୍ଥନା କଲେ । ସୂର୍ଯ୍ୟ ତେଜରୂପୀ କହି ସ୍ତବ କଲେ । ମହାବିଷ୍ଣୁ ନାମ ଦେଲେ ସତ୍ୟ ସନାତନୀ । ସଚୀଦେବୀ ତ୍ରିଗୁଣାତ୍ମିକା ନାମ ଦେଇ ସ୍ତବ କଲେ । ସର୍ବସୁର ବୃନ୍ଦ ସର୍ବବିଦ୍ୟା ଯୋଗମାୟା କହି ସ୍ତୁତି କଲେ । ମା' କୃତାନ୍ତ ଦଳିନୀ କହି ଯବ ସ୍ତବ କଲେ । ପରାଶର କୃପାମୟୀ କହି ସ୍ତୁତିପାଠ କଲେ । ହିମାଳୟ କହିଲେ ଗିରିଜା, ମରୁଦ୍‌ଗଣ କହିଲେ ଶିବାନୀ, କୁମାରୀଗଣ କହିଲେ ବିଷ୍ଣୁପ୍ରିୟା । ଅଦିତି କହିଲେ ମହାମାୟୀ, ବ୍ରହ୍ମାଣୀ କହିଲେ ସନ୍ଧ୍ୟାଦେବୀ । ଅନ୍ନପୂର୍ଣ୍ଣା ବସୁମତୀ କହିଲେ । ସଭିଏଁ ବିଶ୍ୱମାତା କହି ସ୍ତବ କଲେ । ମାର୍କଣ୍ଡେୟ ମୁନି ତ୍ରିକାଳଜ୍ଞା କହି ସ୍ତୁତି କଲେ । ନର ଲୋକମାନେ ନାରାୟଣୀ କହି ସ୍ତୁତି କଲେ । ମହାକାଳ କହିଲେ ମହାକାଳୀ । ଜାବାଳି କହିଲେ ପଦ୍ମାବତୀ, ଯକ୍ଷରାଜ କହିଲେ ବିରୂପା, ଦେବତାମାନେ କହିଲେ ମହାଲକ୍ଷ୍ମୀ । କୁଳବତୀମାନେ କମଳା ନାମରେ ସ୍ତବ କଲେ । ବିଧାତା ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ କହି ସ୍ତବ କଲେ । ଚ୍ୟବନ ଋଷି ଜ୍ୟୋତି ବ୍ରହ୍ମମୟୀ କହି ସ୍ତବ କଲେ । ପବନ କହିଲେ ଓଁକାର ରୂପିଣୀ । ଗର୍ଗମୁନି କହିଲେ ଅଜରୂପା । ସନ୍ଦିପନୀ ନାମ ଦେଲେ ସୁମଙ୍ଗଳା । ସେହିପରି ଗାଧିଶିଷ୍ୟ ଗଣ ଶିବପ୍ରିୟା କହି ସ୍ତୁତି କଲେ । ବେଦବ୍ୟାସ ବ୍ୟାସଦେବ ମହାଶକ୍ତି କହି ସ୍ତୁତି କଲେ । ସନାତନ କହିଲେ ଭୁବନେଶ୍ୱରୀ । ହଳଧର କହିଲେ ସାବିତ୍ରୀ । ପୁଷ୍କର କହିଲେ ମହାଗୌରୀ । ଜଗଦମ୍ବା କହିଲେ ଆପଦ ନାଶିନୀ । ସୈନିକ କହିଲେ କୈବଲ୍ୟ ଦାୟିନୀ । କଣ୍ୱମୁନି କହିଲେ ସର୍ବାଣୀ । ପିପ୍ପଳାଦ କହିଲେ ମା ଯୁଗମାଳା । ଜନକ ମହର୍ଷି କହିଲେ ମା' ବିଜୟା । ନାରଦ ମହର୍ଷି କହିଲେ ମା' ଅଭୟା । ଚରକ କହିଲେ ମା'ଯୋଗନିଦ୍ରା । ସୌନକ ରଖିଲେ ମା'ଶୁଭଙ୍କରୀ । ବୃହସ୍ପତି ନାମ ଦେଲେ ଶର୍ବାଣୀ । ଅରୁନ୍ଧତୀ ନାମ ଦେଲେ ହରପ୍ରିୟା । ମେଧାମୁନି ଡାକିଲେ ବନଦୁର୍ଗା । କୌଶିକ ନାମ ଦେଲେ ଅନନ୍ତ ରୂପିଣୀ । ଜୈମିନି ମହର୍ଷି ଦେଲେ ସର୍ବବିଦ୍ୟା । ଭରତ ନାମ ଦେଲେ ପିନାକ ଧାରିଣୀ । ଦକ୍ଷ ନାମ ଦେଲେ ଯଜ୍ଞ ବିନାଶିନୀ । ପ୍ରସୂତି ଡାକିଲେ ଜଗତତାରିଣୀ । ସେହିପରି ନଗେନ୍ଦ୍ରନନ୍ଦିନୀ, ହରବିଳାଶିନୀ, ଉମା, ମହାରୂପା, କେଶରୀ, ସାଗରୀ, କଳାବତୀ, ଗୁହ୍ୟାଶୟା, ଶାମ୍ଭବୀ, ଭଗବତୀ, ଦର୍ପବିନାଶିନୀ, ମୋକ୍ଷ, ପ୍ରଦାୟନୀ, ଖଡ୍ଗ ଧାରିଣୀ, ମହାତପା, ବିଶ୍ୱରୂପା, ଭବାନୀ, ଜ୍ୟୋତିଷ ମଣ୍ଡଳୀ, ଶିବଦୂତି, ଅଜ୍ଞାତନାଶିନୀ, ଚତୁଃଷ୍ଟିକଳା, କମଳା, ନରସିଂହୀ, ଜଗତ୍‌ମାତା, ବରାହୀ, ମହାରୌଦ୍ରୀ, କାତ୍ୟାୟନୀ, ସର୍ବମଙ୍ଗଳା, ରତିପ୍ରିୟା, ଭବଜାୟା, ଅମ୍ବିକା, ସଂକଟନାଶିନୀ, ବୈଦଜ୍ଞା, ତ୍ରିନେତ୍ରା, ଚଣ୍ଡିକା, ଭକ୍ତାଭିଷ୍ଟ ପ୍ରଦା, ଗୋଲୋକ ଇଶ୍ୱରୀ, ଦିଗମ୍ବରୀ, ଶଙ୍କରୀ, ଦନୁଜ ଦଳିନୀ, ଜଗଧାତ୍ରୀ, ମହାଦେବୀ, ପ୍ରମାଥିନୀ, ସୁବର୍ଣ୍ଣା, ଅପର୍ଣ୍ଣା, ସ୍କନ୍ଦଷଷ୍ଠୀ, ଆକାଶ, ଶୁକସଭା, ମହାକଳ୍ପଦ୍ରୁମା, ହେମବତୀ, ମହାଶକ୍ତି, ଶାରଳା ଆଦି ନାମରେ ସର୍ବ ଦେବ ଦେବୀ, ଋଷି-ମୁନି, ତପି ସ୍ତୁତି କରିବାକୁ ଲାଗିଲେ । ବଶିଷ୍ଠ ଋଷି "ମା ପରମବୈଷ୍ଣବୀ" କହି ସ୍ତୁତି କଲେ । ଦେବର୍ଷି ନାରଦ ଶାରଦୀୟ କହି ସ୍ତୁତି ପାଠ କଲେ । ସ୍ତବ ପାଠରେ ମା' ଶାରଦାୟୀ ସନ୍ତୁଷ୍ଟ ହେଲେ । ଚତୁଃବର୍ଗ ଫଳ ପ୍ରାପ୍ତି ପାଇଁ ବର ପ୍ରଦାନ କଲେ । ମାତେଶ୍ୱରୀ ଶାରଦାୟୀ ଶାକମ୍ବରୀଙ୍କ ଅପାର କରୁଣାରୁ ଜଗତ ଶସ୍ୟଶାଳୀ ହେଲେ । ଦେବ ଲୋକରୁ ପୁଷ୍ପ ବୃଷ୍ଟି ହେଲା । ଦେବକନ୍ୟାଗର ଶୁଭଶଙ୍ଖ ନିନାଦ କଲେ । ନିତ୍ୟେଶ୍ୱରୀ ମା' ଶାରଦାୟୀ ପ୍ରକୃତିସ୍ୱରୂପା ହେଲେ ।

ପ୍ରାଧ୍ୟାପକ ଓଡ଼ିଆ ବିଭାଗ, ଚୌଦ୍ୱାର ମହାବିଦ୍ୟାଳୟ

■ ■ ■

# ନମୋ ନାରାୟଣୀ

ଗୀତାଞ୍ଜଳୀ ନାୟକ

ଭାରତୀୟ ସଭ୍ୟତାର ଆଦିବିକାଶ କାଳରୁ ନାରୀ ଶକ୍ତିକୁ ଏକ ଭିନ୍ନ ରୂପେ ପରିକଳ୍ପନା କରାଯାଇଛି। ଅନନ୍ତ ସୃଷ୍ଟିର ମୂଳ ଉସ ନାରୀଶକ୍ତି, ମନୁଷ୍ୟ ପ୍ରଥମେ ତା ମାତୃଗର୍ଭରେ ସୁରକ୍ଷିତ ରୁହେ। ଜନ୍ମପରେ ମା'ର ସ୍ପର୍ଶ ପ୍ରଥମେ ପାଏ। ପ୍ରଥମ ଶକ୍ତି ସେ ମା'ର ଖିରରୁ ଗ୍ରହଣ କରେ। ତେଣୁ ମା' ହେଉଛନ୍ତି ଶକ୍ତି ପ୍ରଦାୟିନୀ, ସେ ଜ୍ୟୋତି ରୂପେ ଆଲୋକ ଦେଖାଇଥାନ୍ତି। ହେଲେ ଏ ସଂସାରରେ ମା'ଟିକୁ ସୃଷ୍ଟି କରିଥିବା ମା' ହେଉଛନ୍ତି ଦେବୀ ମା' ଦୁର୍ଗତି ନାଶିନୀ। ସେ କେତେବେଳେ ଦୁଷ୍ଟ ସଂହାରୀଣୀ ଦୁର୍ଗା ତ ପୁଣି କେତେବେଳେ ସବୁ ଅଳି ଅଝଟକୁ ନିରବରେ ସହି ଆଶିର୍ବାଦ ପ୍ରଦାନ କରୁଥିବା ନାରାୟଣୀ। ମା' ବର୍ଷକୁ ଥରେ ସ୍ୱର୍ଗ ଛାଡ଼ି ମର୍ତ୍ତ୍ୟକୁ ଓହ୍ଲାଇ ଆସିଥାନ୍ତ। ତା ସଂସାରର ଦୁଃଖ, ପୀଡା, ହରଣ କରନ୍ତି। ସୁବ ଘାତ, ପ୍ରତିଘାତକୁ ସାମ୍ନା କରିବା ପାଇଁ ସାହାସ ଦେଇଥାନ୍ତି। ଭାଙ୍ଗିଯାଇଥିବା ହୃଦୟକୁ ପୁଣିଥରେ ନୂଆକରି ଗଢ଼ିଦିଅନ୍ତି। ଜୀବନ ପଥରେ ଆଗକୁ ଯିବାପାଇଁ ଲୌହରୂପକ ଧର୍ଯ୍ୟ ଓ ସାହସ ପ୍ରଦାନ କରିଥାନ୍ତି। ଜଣେ ଯଦି ଦର୍ଶନାର୍ଥୀ ହୋଇ ମା'ପାଖକୁ ଯାଏ ସେ କେବଳ ଦର୍ଶନ କରି ଫେରେ, ଥରେ ମନରେ ଭକ୍ତି ନେଇ ଭକ୍ତ ହେଇକି ଯଦି ମା' ପାଖକୁ ଗଲେ ମା'ତାର ସବୁଇଛା ପୂରଣ କରନ୍ତି। ମା' ହେଉଛନ୍ତି ନାରାୟଣୀ, ନାରାୟଣୀଙ୍କ ବିନା ନାରାୟଣ ଅଧୁରା, ସ୍ୱୟଂ ଜଗନ୍ନାଥ ନାରୀ ଶକ୍ତିକୁ ପ୍ରଥମେ ଗୁରୁତ୍ୱ ଦେଇଛନ୍ତି। ରତ୍ନ ସିଂହସନ ଏକ ତ୍ରିପୁରା ଯନ୍ତ୍ର ଉପରେ ଅଧିଷ୍ଠିତ, ଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କୁ ଅର୍ପିତ ହେଲାପରେ ତାହା ମହାପ୍ରସାଦରେ ପରିଣତ ହୁଏ। ମା' ପ୍ରସାଦରୁ "ମହାପ୍ରସାଦ" ର ଉତ୍ପତ୍ତି। ଏତଦ୍ ଭିନ୍ନ ନବକଳେବର ର ପ୍ରଥମ ସୋପାନରେ ଦାରୁ ଅନ୍ୱେଷଣ ରେ ବାହାରି ଶ୍ରୀ ଜଗନ୍ନାଥଙ୍କ ସେବକମାନେ କାକଟପୁର ମା'ମଙ୍ଗଳାଙ୍କ ନିକଟକୁ ଯାଆନ୍ତି। ସେଠାରେ ପ୍ରତ୍ୟୁଷରୁ ସ୍ନାନାଦି ସାରି ଜପ, ତପ ସହ ଚଣ୍ଡିପାଠ କରନ୍ତି। ଦାରୁ ସପ୍ନ ଆଦେଶ ମା'ଙ୍କୁ ଯଣ ଥାଏ। ସବୁ କ୍ଷେତ୍ରରେ ମା' ଶକ୍ତିମୟୀ ନାରାୟଣୀ ରୂପେ ନାରାୟଣଙ୍କର ଶକ୍ତି ସଦୃଶ୍ୟ ରହିଥାନ୍ତି। ଶ୍ରୀ ମନ୍ଦିରରୁ ଗୁଣ୍ଡିଚା ଯିବା ପ୍ରଧାନ ରାସ୍ତାରେ ଅର୍ଦ୍ଧାଶନୀ ଦେବୀଙ୍କ ମନ୍ଦିର ଅଛି। ଯେଉଁ ଜଗନ୍ନାଥ ସୃଷ୍ଟିର କର୍ତ୍ତା ବା ରକ୍ଷାକର୍ତ୍ତା। ସେହି ମହାପ୍ରଭୁଙ୍କର ରକ୍ଷାକର୍ତ୍ତୀ ବା ଶଙ୍ଖ କ୍ଷେତ୍ରର ରକ୍ଷା କର୍ତ୍ତ୍ରୀ ମା' ଅର୍ଦ୍ଧାଶନୀ, ସେ ଜଗନ୍ନାଥଙ୍କର ମାଉସୀ ରୂପେ ପୂଜା ପାଆନ୍ତି। ନାରାୟଣଙ୍କ ପ୍ରତିଟି ଲିଳା ଖେଳାରେ ମା' ନାରାୟଣୀଙ୍କର ଭୂମିକା ରହିଥାଏ। ମହିସାସୁର ଅତ୍ୟାଚାରରେ ଦେବତାମାନେ ଯେତେ ବେଳେ ଅତିଷ୍ଠ ହୋଇ ପଡ଼ିଲେ ସେତେବେଳେ ମା' ନାରାୟଣୀଙ୍କୁ ପ୍ରାର୍ଥନା କରି ଧରାପୃଷ୍ଠରୁ ପାପର ବିନାସ ପାଇଁ ନିବେଦନ କରିଥିଲେ। ମା' ଦଶଭୁଜା ପୃଥିବୀ ମା'ଙ୍କୁ ଶାନ୍ତ କରିବା ପାଇଁ ଧରାକୁ ଓହ୍ଲାଇ ଆସିଥିଲେ।

ହିନ୍ଦୁ ଧର୍ମରେ ଆମେସବୁ ବେଳେ ମା'ଙ୍କୁ ଗୁରୁତ୍ୱ ଦେଇଥାଉ, ମନୁଷ୍ୟ ରୂପୀ ମା ହେଉ ବା ଦେବୀ ରୂପୀ ମା' ହେଉ ମା' ସବୁବେଳେ ତା ସନ୍ତାନ ଯେଉଁଠି ଯେତେ ଦୂରରେ ଥାଉ ମା' ବୋଲି ଡାକିଦେଲେ ମା' ଦୁର୍ଗତି ନାଶିନୀ ତାର ସବୁ ଦୁଃଖ ଦୂର କରନ୍ତି। ମା'ର ନଜର ସବୁବେଳେ ତା ପିଲାଙ୍କ ଉପରେ ରହିଥାଏ। ପିଲା ଯେତେ ଦୂରରେ ଥାଉନା କାହିଁ। ଏହି ନିଶ୍ୱ ସଂସାରରେ ମାନବ ଜୀବନର କୌଣସି ସ୍ଥିରତା ନାହିଁ। ଭୌତିକ ଜଗତ ସୁଖ, ଦୁଃଖର ସମାହାର ଅଟେ, ତେଣୁ ମାନବ ଜୀବନରେ ସୁଖ ଭୋଗ ବାଞ୍ଛାକୁ ନେଇ ମନୁଷ୍ୟ ବଞ୍ଚିବାକୁ ଚାହେଁ। ତେଣୁ ଦୁଃଖକୁ ଆଡେଇ ଦେଇ ସୁଖ ପ୍ରାପ୍ତିପାଇଁ ଆପ୍ରାଣ ଚେଷ୍ଟା କରେ। ସେହି ସୁଖ ପାଇବା ପାଇଁ ସର୍ବଦା ମା' ଏବଂ ମାତୃଶକ୍ତି କୁ ପୂଜାକରିବା ଏକାନ୍ତ ଆବଶ୍ୟକ।

ବାଲି ସାହି, କଟକ

■ ■ ■

# ସାହିତ୍ୟରେ ଦୁର୍ନୀତି

ଶ୍ରୀ ସତ୍ୟନାରାୟଣ ନନ୍ଦ

ସାହିତ୍ୟରେ ଦୁର୍ନୀତି। କଥାଟା ମନକୁ ଅଡୁଆ ଲାଗିଲେ ବି ସତ୍ୟ। ସେଦିନ ସାହିତ୍ୟ-ସଭାରୁ ଫେରିଲା ପରେ ରାଧାଶ୍ୟାମଙ୍କ ମନରେ ଏହି କଥା ଦୃଢ଼ ହୋଇଛି। ସଭାରେ ଅନେକ ଆଲୋଚନା ସେ ଶୁଣିଲେ କିନ୍ତୁ ବକ୍ତା ଯେଉଁ ବିଷୟରେ ଭାଷଣ ଦେଲେ ତା'ର ସାରାଂଶ ହେଲା ସାହିତ୍ୟରେ ଦୁର୍ନୀତି। ସାହିତ୍ୟ-ବଳୟ ମଧ୍ୟକୁ କେମିତି ଅଣ ସାହିତ୍ୟିକଙ୍କ ପ୍ରବେଶ ଘଟୁଛି ତାହା ହେଲା ମୁଖ୍ୟ ବିଷୟ। ଏଥିପାଇଁ ଦାୟୀ କିଏ ? ତାହାର ମଧ୍ୟ ସୁନ୍ଦର ଉଦାହରଣ ସେ ଭାଷଣ ମାଧ୍ୟମରେ ପ୍ରଦାନ କରିଥିଲେ।

ଗ୍ରାମାଞ୍ଚଳର ଏକ ସାହିତ୍ୟ ଅନୁଷ୍ଠାନ ତା'ର ବାର୍ଷିକ ଉତ୍ସବରେ ଏକ ପତ୍ରିକା ଛପାଇବାର ଯୋଜନା କଲେ। ପତ୍ରିକା ପ୍ରକାଶନ ପାଇଁ ଅର୍ଥର ଆବଶ୍ୟକ। ଏହି ଅର୍ଥ କିପରି ଯୋଗାଡ଼ କରାଯିବ ସେ ବିଷୟରେ ସମ୍ପାଦକ ଏ ନୂତନ ଉପାୟ ସ୍ଥିର କଲେ। ସାହିତ୍ୟ ଅନୁଷ୍ଠାନ ପାଇଁ ସଭ୍ୟ ସଂଗ୍ରହ କରାଯିବା ସାଥେ ପତ୍ରିକାରେ ଲେଖା ପ୍ରକାଶ କରିବାକୁ ଅର୍ଥ ମଧ୍ୟ ଆଦାୟ କଲେ, ଯାହା ସଭ୍ୟ ଚାନ୍ଦା ହିସାବରେ ଗଣାଯାଉଥିଲା। ସେହି ଅର୍ଥରେ ପତ୍ରିକା ଛପା ହୋଇ ବଣ୍ଟା ହୋଇଗଲା। ନିଜର ନାମକୁ ପତ୍ରିକାରେ ଦେଖି ସେମାନେ କୃତକୃତ୍ୟ ହୋଇଗଲେ। ସେହି ସମୟରୁ ସେମାନେ ନିଜକୁ ସାହିତ୍ୟିକ ହିସାବରେ ଗଣିବାକୁ ଲାଗିଲେ। ପରେ ଜଣା ପଡ଼ିଲା ଯେ ସମ୍ପାଦକ ମହାଶୟ ନିଜେ ଛୋଟ ଛୋଟ କବିତା ଲେଖି ସେମାନଙ୍କ ନାମରେ ଛପାଇଥିଲେ।

ଦ୍ୱିତୀୟ ଉଦାହରଣ ଏହିପରି - ପ୍ରବଳ ପଇସା ରୋଜଗାର କରୁଥିବା ଜଣେ ସରକାରୀ କର୍ମଚାରୀଙ୍କର ସାହିତ୍ୟ ଜଗତରେ ପାଦ ଥାପିବାକୁ ପ୍ରବଳ ଇଚ୍ଛା ହେଲା। ଏଥିପାଇଁ ସେ କ'ଣ କରିବେ ? କିଛିଦିନ ଚିନ୍ତା କରିବା ପରେ ଜଣେ ପ୍ରତିଷ୍ଠିତ ପତ୍ରିକାର ସମ୍ପାଦକଙ୍କୁ ସାକ୍ଷାତ କଲେ ଏବଂ ନିଜର ମନର କଥା ପ୍ରକାଶ କଲେ। ସମ୍ପାଦକ ମହାଶୟ ତାଙ୍କ ଆଶା ଫଳବତୀ ହେବାର ଉପାୟ କରିଦେଲେ। ଯାହା ଫଳରେ ପରବର୍ତ୍ତୀ ସଂଖ୍ୟାରେ କର୍ମଚାରୀଙ୍କ ଲେଖା ପତ୍ରିକାରେ ପ୍ରକାଶ ପାଇଲା। ସବୁମାସରେ ଏକ ଧଳା ଇଫାପାରେ କିଛି ଅର୍ଥ ସମ୍ପାଦକ ମହାଶୟ ପାଉଥିଲେ। କେବଳ ଏତିକିରେ କଥା ସୀମିତ ରହିଲା ନାହିଁ। ସାହିତ୍ୟିକର ସମ୍ମାନ ତାଙ୍କର ଆବଶ୍ୟକ ହେଲା। ସେଥିପାଇଁ ବି ସେ ଯୋଜନା ପ୍ରସ୍ତୁତ କଲେ। ସରକାରୀ କର୍ମଚାରୀଙ୍କ ଅଧିନସ୍ଥ ଏକ ବାଣିଜ୍ୟ ସଂସ୍ଥାର ମାସିକ ଏକ ସାହିତ୍ୟ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କର ସହାୟତାରେ ସେ ସାହିତ୍ୟ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ, ଯାହା ଖବର କାଗଜର ପୃଷ୍ଠା ମଣ୍ଡନ କରିଥିଲା।

ତୃତୀୟ ଉଦାହରଣ ଟିକେ ଅଲଗା ପ୍ରକାରର। ଏଠି ସାହିତ୍ୟ ଅନୁଷ୍ଠାନର ନିର୍ବାଚନ ମଇଦାନରେ ଉତ୍ତୀର୍ଣ୍ଣ ହେବାକୁ ସାହିତ୍ୟିକ ବନ୍ଧୁମାନେ ଅଣ ସାହିତ୍ୟିକଙ୍କୁ ସଭ୍ୟ ପଦରେ ଗ୍ରହଣ କରି ସେମାନଙ୍କ ଭୋଟ ଜରିଆରେ ଅନୁଷ୍ଠାନର ନିର୍ବାଚନରେ ବିଜୟୀ ହୋଇଥିଲେ। ଏହା ଗଣତନ୍ତ୍ରର ବିଜୟ ହୋଇପାରେ କିନ୍ତୁ ସାହିତ୍ୟ ଜଗତରେ ଘୋର ଦୁର୍ଦ୍ଦିନ।

ଏହିପରି ଉଦାହରଣ ଶୁଣି ଶୁଣି ରାଧାଶ୍ୟାମବାବୁ ମନେ ମନେ ପ୍ରମାଦ ଗଣୁଥିଲେ। ମନରେ ସେ ଭାବୁଥିଲେ ରବୀନ୍ଦ୍ରନାଥ ଠାକୁର ନୋବେଲ ପୁରସ୍କାର ପାଇବାର ଶହେବର୍ଷ ବିତିଯାଇଥିଲେ ମଧ୍ୟ, ଆଜି କୌଣସି ଭାରତୀୟ ବ୍ୟକ୍ତି ଏପର୍ଯ୍ୟନ୍ତ ସାହିତ୍ୟରେ ସେ ପୁରସ୍କାର ପାଇବାକୁ ସମର୍ଥ ହୋଇନାହାନ୍ତି। ତାହାପଛରେ କି କାରଣ ଥାଇପାରେ ସେ ଚିନ୍ତାକରୁଥିଲେ।

ବାଲିସାହି, ସାଲେପୁର, କଟକ

■ ■ ■

# ଦୌଡ଼

**ନେତାଜୀ ଅଭିନନ୍ଦନ**

ସେ ଦଉଡୁଥିଲା । ଆଉ ଖାଲି ଦଉଡୁଥିଲା । ଅହରହ ଦଉଡୁଥିଲା । ଅଦ୍ଭୁତ ଭାବରେ ଦଉଡୁଥିଲା । ଯେତେ ଦଉଡ଼ିଲେ ବି ତା'ର କୁନି କୁନି ପାଦ ଥକି ଯାଉନଥିଲେ । ଯେମିତି କି ଦଉଡ଼ିବା ପାଇଁ ହିଁ ସେ ଜନ୍ମ ନେଇଥିଲା ।

କି କୁହୁକ ତାକୁ ଜଣାଥିଲା କେଜାଣି । ଏତେ ଅଳ୍ପ ବୟସରେ ଏମିତି ଦୌଡ଼ । ବାପ୍‌ରେ ବାପ୍ । ଦଉଡୁଥିଲା ତ' ଦଉଡୁଥିଲା । କେତେବେଳେ ଶ୍ରୀକ୍ଷେତ୍ରର ବଡ଼ଦାଣ ଉପରେ ଦଉଡୁଥିଲା ତ, କେତେବେଳେ ଲଣ୍ଡନର ରାଜରାସ୍ତା ଉପରେ । ସବୁଠି ସେ ଦଉଡୁଥିଲା । ଆଉ ଦଉଡ଼ିଲାବେଳେ ତା' ମୁହଁରେ ସାମାନ୍ୟତମ କ୍ଲାନ୍ତି ନଥାଏ । କି କେଉଁ ଆଡ଼କୁ ନିଘା ନଥାଏ । ସେ ଦଉଡ଼ିଲାବେଳେ ତା' ଚାରିପାଖରେ ହଜାର ହଜାର ଲୋକଙ୍କ ଗହଳି । ଆଉ ସେମାନଙ୍କ କରତାଳି । ଗଗନ ପବନ ପ୍ରକମ୍ପିତ ହୋଇଯାଏ ତା' ଜିନ୍ଦାବାଦ୍ ଧ୍ୱନିରେ ।

ତା' ସାଙ୍ଗରେ ବି ଦୌଡ଼ ଯାନ୍ତି କିଛିବାଟ ଅନ୍ୟମାନେ । କିନ୍ତୁ ଶେଷରେ ସେମାନେ ହାର ମାନନ୍ତି । ତା' ଦଉଡ଼ ସହ ତାଳ ଦେଇ ସେମାନେ ଦଉଡ଼ି ପାରନ୍ତିନି । ଥକି ଯାଆନ୍ତ, ଧଇଁ ସଇଁ ହୋଇ ପଡ଼ନ୍ତି । ସେ କିନ୍ତୁ ଦଉଡ଼ି ଚାଲିଥାଏ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଥାଆନ୍ତି ତା' ଦଉଡ଼ାକୁ । ସେ ଦଉଡୁଥିବା ରାସ୍ତାଯାକ ଫୁଲ ବିଛି ହୋଇ ପଡ଼ିଥାଏ । ତା' ଦେହ, ମୁଣ୍ଡ ଚାରିଆଡେ ଖାଲି ଫୁଲ ଆଉ ଫୁଲ । ଆଉ ତା' ଦେହରୁ ବାହାରୁଥିବା ଝାଳରେ ଫୁଲଗୁଡ଼ା ଲାଖିଯାଇ ସେ କେମିତି ଗୋଟାଏ ବିଚିତ୍ର ବିଚିତ୍ର ଦିଶେ ।

ଦଉଡ଼ିବାରେ ତା'ର ଯେ କି ଆନନ୍ଦ । ତାକୁ କେହି ନ ରୋକିଲେ, ସେ ସେମିତି ଦଉଡ଼ିଚାଲିଥାଏ । ସତେ ଯେମିତି ଯନ୍ତ୍ର ଚାଳିତ ମେସିନ୍‌ଟାଏ । ସାରା ବିଶ୍ୱ ଚମତ୍କୃତ ତା'ର ଏ ପ୍ରତିଭାରେ । ଚାରିଆଡ଼େ ଭୂରିଭୂରି ପ୍ରଶଂସା, ବାହା ବା । ରାଜ୍ୟର, ଦେଶର, ଏପରିକି ବିଶ୍ୱର ସବୁ ସଂବାଦପତ୍ରର ଶିରୋନାମା ସେ । ତା'ର କାହାଣୀକୁ ନେଇ ପାଖାପାଖି ଛଅଟି ବିଦେଶୀ ଭାଷାରେ ଚଳଚିତ୍ର ନିର୍ମାଣ ସରିଲାଣି । କିଏ କହୁଛି ଈଶ୍ୱରଙ୍କ ଆଶୀର୍ବାଦ । କିଏ କହୁଛି ପୂର୍ବଜନ୍ମର ଫଳ । କିଏ କହୁଛି ସାକ୍ଷାତ୍ ଦେବଶିଶୁ । ସେ ବର୍ତ୍ତମାନ ତା' ଗରିବ ରାଜ୍ୟର ଗୌରବ । ଦେଶପାଇଁ ସବୁଠାରୁ ମୂଲ୍ୟବାନ ସଂପଦ । ଆଉ ଭବିଷ୍ୟତର ମହାନାୟକ ।

ମୃଣାଳ ବି ତ ଦଉଡୁଥିଲା । ଅହରହ ଦଉଡୁଥିଲା । ଅଣନିଃଶ୍ୱାସୀ ହୋଇ ଦଉଡୁଥିଲା । ଏହା ଭିତରେ ସେ ଜୀବନର ତିରିଶିଟି ବସନ୍ତ ଅତିକ୍ରମ କରିସାରିଥିଲା କେଉଁକାଳୁ । ମୁଣ୍ଡବାଳ ତା'ର ସବୁଧଳା ପଡିଯାଇଥିଲା । ଆଖି ଦିଇଟା ଭିତରକୁ ପଶିଯାଇଥିଲା । ଆଉ ଗାଲରେ ଫୁଲାଏ ମାଂସ ବଦଳରେ ଦିଇଟା ହାଡ଼ ଖୁବ୍ ସ୍ପଷ୍ଟ ଦିଶୁଥିଲା । ଏକଦା ନିଜ ଚେହେରା ପାଇଁ ଝିଅମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିବା ମୃଣାଳ ଆଜି ଦିଶୁଥିଲା ଗୋଟାଏ ଜିଅନ୍ତା ଭୂତ ଭଳି । ତଥାପି ସେ ଦୌଡ଼ି ଚାଲିଥିଲା । ବଂଚିବା ପାଇଁ ତ ସେ ଦଉଡ଼ିବା ନିହାତି ଦରକାର । ଆଉ ଯେତେ ଥକିଗଲେ ବି, ସେ ଦୌଡ଼ିବା ବନ୍ଦ କରିପାରିବ ନାହିଁ । ତାକୁ ଦୌଡ଼ିବାକୁ ହିଁ ପଡ଼ିବ ।

ମୃଣାଳ ଦୌଡ଼ି ଚାଲିଥିଲା । ତା' ସାଙ୍ଗରେ ଦଉଡ଼ ଆରମ୍ଭ କରିଥିବା ତା'ର ସବୁ ବଂଧୁମାନେ କିନ୍ତୁ ନିଜ ନିଜ ଦଉଡ଼ ଶେଷ କରି ଗୋଟିଏ ଗୋଟିଏ ଖୋପ ଭିତରେ ନିଜକୁ ବନ୍ଦୀ କରିନେଇଥିଲେ । ଆଉ ସଂସାର ବୋଲାଉଥିବା ଛୋଟ ଛୋଟ ଖୋପମାନଙ୍କ ଭିତରେ ନିଜକୁ ବନ୍ଦୀ କରିନେଇ ସେମାନେ ସତରେ ଖୁବ୍ ଆନନ୍ଦିତ ଦିଶୁଥିଲେ । ତାକୁ ମଧ୍ୟ ଦଉଡ଼ ବନ୍ଦ କରି ସଂସାରୀ ପାଲଟିଯିବା ପାଇଁ ପରାମର୍ଶ ଦେଉଥିଲେ । କହୁଥିଲେ- "ଏଥରକ ଦଉଡ଼ ବନ୍ଦ କର । ଥୟ ଧର । କେତେଦିନ ଯାଏଁ ତୋର ଏମିତି ପାଗଳାମି ଚାଲିଥିବ । ଦେଖ୍,

ଆମେମାନେ କେଡ଼େ ଖୁସିରେ ଅଛୁ । ସ୍ତ୍ରୀ, ପିଲାମାନଙ୍କ ମେଳରେ କେତେ ଆନନ୍ଦରେ ବିତୁଛି ଆମମାନଙ୍କ ଜୀବନ, ତୁ ମଧ୍ୟ ସେୟା କର । ଦଉଡ଼ ବନ୍ଦ କରି ଘର ସଂସାର କର । ଦଉଡ଼ି, ଦଉଡ଼ି କଣଟା ପାଉଛୁ ଜୀବନରେ ? ତୋ' ପରିବାର ପ୍ରତି ତୋର ତ' ପୁଣି କିଛିଟା କର୍ତ୍ତବ୍ୟ ଅଛି । ନା ଖାଲି ନିଜ ପାଇଁ ଜୀବନ ବଞ୍ଚିବୁ ?"

ମୃଣାଳ କିଛି ଉତ୍ତର ଦିଏନି । ଖାଲି ଟିକେ ହସିଦିଏ । ସେ ତା'ର ବନ୍ଧୁମାନଙ୍କୁ କେମିତି ବୁଝାଇବ ଯେ - ଦଉଡ଼ିବା ହିଁ ତା'ର ଧର୍ମ, ନ ଦୌଡ଼ିଲେ ସେ ବଞ୍ଚି ପାରିବ ନାହିଁ । ସେମାନେ ସଂସାର ଭିତରେ, ଆଉ ସେ ସଂସାର ବାହାରେ । ମୃଣାଳ ପୁଣି ତା'ର ଦଉଡ଼ ଆରମ୍ଭ କରେ । ଦଉଡ଼େ, ଆଉ ଖାଲି ଦଉଡ଼େ । ତା' ରାସ୍ତାରେ କିନ୍ତୁ ଫୁଲ ବିଛା ହୋଇ ନଥାଏ । ସେ ଦଉଡୁଥିବା ରାସ୍ତାରେ ଖାଲି କଣ୍ଟା, ଝଣ୍ଟା, ଅରମା, ବେଳେ ବେଳେ ତା' ପାଦରେ ବି କଣ୍ଟା ଲାଗେ । ଆଉ ରକ୍ତ ଝରେ । ସେ ରକ୍ତ ବୋହିବା ଥରେ ଆରମ୍ଭ ହେଲେ, ସହଜରେ ବନ୍ଦ ହୁଏନି । ଖଣ୍ଡିଆ ଖାବରା, ଦେହର ଠାଏ ଠାଏ ଝରୁଥାଏ ରକ୍ତ ! ମୃଣାଳ ବି ଦଉଡ଼ିଲା ବେଳେ ବିଚିତ୍ର ବିଚିତ୍ର ଦିଶେ ।

ସେ ସଂବାଦପତ୍ର ପଢ଼େ, ଟି.ଭି. ଦେଖେ । ଚାରିଆଡ଼େ ଖାଲି ଦେବଶିଶୁର ପ୍ରଶଂସା । ରାଶି ରାଶି ପୁରସ୍କାର ଆଉ ଉପଢୌକନ । ସେ ବିରକ୍ତ ହୋଇପଡ଼େ । ରାଜ୍ୟର ଗର୍ବ - ନା ଛେନାଗୁଡ଼ । ମୃଣାଳ ଭାବେ - ସେ ବି ତ ପିଲାଦିନେ ଦୌଡୁଥିଲା, କାଇଁ ତାକୁ ତ କିଛି ସମ୍ମାନ ବା ସ୍ୱୀକୃତି ମିଳିନଥିଲା । ଆଉ ଏବେ ଖାଲି ବୟସର ପାର୍ଥକ୍ୟକୁ ଛାଡ଼ିଦେଲେ କ'ଣ ଫରକ ତା' ଦଉଡ଼ ଏବଂ ଦେବଶିଶୁର ଦଉଡ଼ ଭିତରେ । ଦେବଶିଶୁ ସମାଜର ସମର୍ଥନ ପାଇ ଦଉଡୁଛି, ଆଉ ସେ ସମାଜର ନିଷେଧାଦେଶ ସତ୍ତ୍ୱେ । କିନ୍ତୁ ଦଉଡ଼ ତ ଦଉଡ଼ । ଅଥଚ ଦେବଶିଶୁ ତା' ଦଉଡ଼ ପାଇଁ ପ୍ରଶଂସାରେ ପୋତି ହୋଇପଡ଼ିଥିବା ବେଳେ ତା' ଦଉଡ଼କୁ ଏତେଟିକେ ସ୍ୱୀକୃତି ନାହିଁ ?

ସେ ବି ତ ଦଉଡୁଛି । ପୂରାପୂରି ଦମ୍ ଲଗେଇ ଦଉଡୁଛି । ଦଉଡ଼ିବାରେ ତ ସେ ଆଦୌ କେବେ କାର୍ପଣ୍ୟ କରିନି । ସ୍ୱୀକୃତି ତ ଦୂରରେ ଥାଉ, ସମାଜ ଦୃଷ୍ଟିରେ ସେ ନିହାତି ଅବାଞ୍ଛିତ, ଅପାଂକ୍ତେୟ । ଆଉ ପ୍ରଥମେ ପ୍ରଥମେ ତା' ଦଉଡ଼କୁ ପରିବାରର ସମର୍ଥନ ମିଳିଥିଲେ ମଧ୍ୟ, ଏବେ କିନ୍ତୁ ସେଇମାନେ ତା'ର ପରମଶତ୍ରୁ ପାଲଟିଯାଇଛନ୍ତି । ଆଉ ତା' ଦଉଡ଼ର ତୀବ୍ରତା ବଢ଼ିବା ସଙ୍ଗେ ସଙ୍ଗେ, ତା' ପ୍ରତି ଅନ୍ୟମାନଙ୍କର ଗାଳି, ଟାହିଟାପରା, ଉପହାସର ତୀବ୍ରତା ମଧ୍ୟ ଦିନକୁଦିନ ବଢ଼ିବାରେ ଲାଗିଥିଲା ।

ଘର, ପରିବାର, ବନ୍ଧୁବାନ୍ଧବ, ସଂପର୍କୀୟ, ସମାଜ - ସମସ୍ତଙ୍କ ଦୃଷ୍ଟିରେ ସେ ଥିଲା ନିତାନ୍ତ କୁଳାଙ୍ଗାରଟାଏ, ଯା' ଦେଇ କୁଟାଖଣ୍ଡିକ ବି ଦି'ଖଣ୍ଡ ହେବନି । ତା' ପ୍ରତି ସବୁ ଆକ୍ଷେପର ସାରମର୍ମ ଥିଲା ଏହିଭଳି - ମୃଣାଳ ଯଦି ହଠାତ୍ ମରିଯାଏ, ତେବେ କାହାର କିଛି କ୍ଷତି ତ ହେବାର ନାହିଁ ବରଂ ଲାଭ ହୋଇପାରେ । ପୃଥିବୀ ଉପରୁ ବୋଝ ସାମାନ୍ୟ ହାଲୁକା ହେବ ଏବଂ ଖାଲି ଦଉଡୁଥିବା ଏମିତି ଗୋଟେ କୁଳାଙ୍ଗାର କବଳରୁ ମୁକ୍ତି ପାଇ ସମସ୍ତେ ଟିକେ ଶାନ୍ତିରେ ନିଃଶ୍ୱାସ ମାରିବେ ।

ଧୀରେ ଧୀରେ ପରିସ୍ଥିତି ଅସହ୍ୟ ହେଉଥିଲା । ଆଉ ଏ ଦେବଶିଶୁଟାର ଆବିର୍ଭାବ ହେଲାଦିନୁ ମୃଣାଳର ମନ ଆଉରି ବିଷାକ୍ତ ହୋଇପଡିଥିଲା । ଦେବଶିଶୁ ଯେମିତି ତାକୁ ଖତେଇ ହେଉଥିଲା - 'ଏଇ ଦେଖ୍, ଏତେ ଅଳ୍ପଦିନରେ ବି ମୋ ଦଉଡ଼ ପାଇଁ ବିଶ୍ୱବିଖ୍ୟାତ ହୋଇସାରିଲିଣି ଅଥଚ ତୁଟା ଯେ ତିରିଶ ବର୍ଷ ହେଲାଣି ଦଉଡୁଛୁ, ତତେ କେହି ପଚାରୁନାହାନ୍ତି ।' ମୃଣାଳ ଦାନ୍ତ କଡ଼ମଡ଼ କରେ । ଆଉ ଦଉଡ଼ିଚାଲେ, ତା' ଦଉଡ଼ର ବେଗ ବଢ଼ିଯାଏ । ସେ ଦଉଡ଼ିଲାବେଳେ କାହାକୁ ଖାତିର କରୁନଥିଲା । ସେ ଯେମିତି ଦୌଡ଼ିବା ପାଇଁ ହିଁ ବଞ୍ଚିଥିଲା ।

ସେଦିନ କିନ୍ତୁ ଯେତେବେଳେ ସୁଜାତା ତାକୁ ତା' ଦଉଡ଼ ବନ୍ଦ କରିବା ପାଇଁ ପରାମର୍ଶ ଦେଲା, ତାକୁ ଲାଗିଲା ତା' ଜୀବନଟା ସରିଗଲା ଅଚାନକ । ସୁଜାତା - ତା' ଜୀବନ ଦୌଡ଼ରେ ଏକାନ୍ତ ଅନ୍ତରଂଗ ସହଯାତ୍ରୀ । କୁହାଯାଇପାରେ ତା'ର ପ୍ରେମିକା । ସୁଜାତାର ଆଖି ଦିଟା ସତେ ଯେମିତି ଜଳୁଥିଲା । ସେ ତମ୍‌ତମ୍ ହୋଇ ଆସିଲା, ତମ୍‌ତମ୍ ହୋଇ ଠିଆହେଲା ଆଉ ତମ୍‌ତମ୍ ହୋଇ କହିଲା - "ମୃଣାଳ, ଏ ଯାଏଁ ତମ ସହ ମୁଁ ଦଉଡୁଥିଲି କିନ୍ତୁ ମୋର

ଆଉ ଧୈର୍ଯ୍ୟ ନାହିଁ କି ମୋ ଦେହ, ମନରେ ଆଉ ଶକ୍ତି ନାହିଁ । ମୁଁ ପୂରାପୂରି ଥକିଗଲିଣି । ଆଉ ଅପେକ୍ଷା କରିପାରିବି ନାହିଁ ତମ ଦଉଡ଼ ଶେଷ ହେବାର । ସବୁ ଦଉଡ଼ର ଶେଷ ଥାଏ, କିନ୍ତୁ ମତେ ଲାଗୁଛି ତମେ ଯେମିତି ଅନନ୍ତକାଳ ପାଇଁ ଦଉଡୁଛ । ମୋ ଦୌଡ଼ ଆଜିଠାରୁ ବନ୍ଦ ହେଲା । ସବୁ ନାରୀ ଜୀବନରେ ସୁରକ୍ଷା ଚାହାନ୍ତି, ସାଚ୍ଛନ୍ଦ୍ୟ ଚାହାନ୍ତି । ମୁଁ ମଧ ଚାହେଁ । ଯେହେତୁ ତମେ ଏସବୁ ଦୃଷ୍ଟିରୁ ପୂରାପୂରି ଅସମର୍ଥ, ବାକି ଜୀବନ କଟେଇବାପାଇଁ ଆଉ ଏକ ଆଶ୍ରୟ ଖୋଜିନେଇଛି - ସେ ତମ ବନ୍ଧୁ ଅନୁପମ । ଏବେ ନିଷ୍ପତ୍ତି ତମର - ଜୀବନର ଶେଷ ଯାଏଁ, ତମେ ଏକଲା ଏମିତି ଦୌଡ଼ି ଚାଲିବ ନା, ଦଉଡ଼ ବନ୍ଦ କରି ନିରାପଦ ଆଶ୍ରୟର ସନ୍ଧାନ ନେବ ।"

ମୃଣାଳକୁ ଏଥରକ ଶେଷ ନିଷ୍ପତ୍ତି ନେବାକୁ ହିଁ ପଡ଼ିବ । ସେ ଦୌଡ଼ିବ, ବଞ୍ଚିବ ନା ମରିଯିବ ? ସେ ଦୌଡ଼ିବ, ବଞ୍ଚିବ ନା ମରିଯିବ ? ଆଉ ସେ ଶେଷରେ ନିଷ୍ପତ୍ତି ନେଲା । ତା'ଆରଦିନ ଖବରକାଗଜମାନଙ୍କରେ ଖବରଟିଏ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଆଉ ସମସ୍ତେ ବେଶ୍ ଆଶ୍ୱସ୍ତ ହୋଇଥିଲେ । ଖବରଟି ଥିଲା ଏହିପରି -

"ସଚିବାଳୟ ସାମ୍ନା ରାସ୍ତାରେ ଗୋଟିଏ ଅଜଣା ଗାଡ଼ି ଧକ୍କାରେ ମୃଣାଳ ଦାସ ନାମକ ଯୁବକଙ୍କର ମୃତ୍ୟୁ ଘଟିଛି । ତାଙ୍କ ବୟସ ପଇଁତିରିଶ ପାଖାପାଖି ହେବ । ଦୁର୍ଘଟଣା ଘଟାଇଥିବା ଗାଡ଼ିଟିର ଏପର୍ଯ୍ୟନ୍ତ ସନ୍ଧାନ ମିଳିନାହିଁ । କୌଣସି ପ୍ରତ୍ୟକ୍ଷଦର୍ଶୀ ମଧ ଦୁର୍ଘଟଣା ଘଟିଥିବାର ଦେଖିନାହାନ୍ତି । ତେବେ ଯୁବକଙ୍କର ପକେଟରୁ ମିଳିଥିବା ଏକ ଚିଠିକୁ ଭିତ୍ତି କରି ପୋଲିସ୍ ତା'ର ଅନୁସନ୍ଧାନ ଜାରି ରଖିଛି ।

ଚିଠିରେ ଏଇଆ ଲେଖା ଅଛି -

"ଏ ସଂସାରରେ ସମସ୍ତେ ଦଉଡୁଛନ୍ତି । ସତତ ଦଉଡୁଛନ୍ତି । କିଏ ଧନ ପଛରେ ଦଉଡୁଛି ତ, କିଏ ନାମ ପଛରେ ଦଉଡୁଛି । କିଏ ଅଜଣା ସପ୍ନ ପଛରେ ଗୋଡ଼ଉଛି ତ, କିଏ ପ୍ରେମ ପଛରେ ଦଉଡ଼ି ଦଉଡ଼ି ପାଗଳ । ଆଉ ଏଇମାନେ ହିଁ ସମାଜରେ ଖୁବ୍ ସମ୍ମାନସ୍ପଦ । ଏଇଭଳି ଦୌଡ଼ି ଚାଲିଥିବା ଲୋକମାନଙ୍କୁ କେହି ଦୋଷ ଦିଏନାହିଁ ବରଂ ଆଦର ମିଳେ, ପ୍ରଶଂସା ମିଳେ । ଅଥଚ ମୁଁ ତ ବଂଚିବା ପାଇଁ ଦଉଡୁଥିଲି । ନିଜ ଦମ୍‌ରେ ଦଉଡୁଥିଲି, କାହା ପଚରେ ଗୋଡ଼ଉନଥିଲି । ମୋ ପାଇଁ ମୋ ଦଉଡ଼ ଥିଲା ବଂଚିବା ପାଇଁ ସବୁଠାରୁ ମହାନତମ ମାଧମ । ଏବେ ସମସ୍ତେ ଜୋର୍ ଜବରଦସ୍ତ ଲାଗିଛନ୍ତି ମୋ ଦଉଡ଼ ବନ୍ଦ କରିଦେବା ପାଇଁ ।

ମୁଁ କିନ୍ତୁ ମୋର ଏ ଦଉଡ଼ ବନ୍ଦ କରିବିନି ଅନ୍ତହୀନ ମୋର ଏ ଦଉଡ଼ । ଦଉଡୁଥିଲି ବଞ୍ଚିବା ପାଇଁ ମରୁଛି ଦଉଡ଼ିବାପାଇଁ । ମରିବା ପରେ ମଧ ମୋର ଏ ଦଉଡ଼ ଜାରି ରହିବ । ଗୋଟିଏ ମାତ୍ର ଅନୁରୋଧ - ମୋ ଭଳି ମୃଣାଳମାନଙ୍କର ଦଉଡ଼କୁ ପାଗଳାମି ବୋଲି କହି ଉପହାସ କରାନଯାଉ । ଆମକୁ ଆମ ରାସ୍ତାରେ ଛାଡ଼ି ଦିଆଯାଉ - ଦଉଡ଼ିବା ପାଇଁ ଅନନ୍ତକାଳ ଲାଗି । ମୋ ଭଳି ମୃଣାଳ ମାନେ ନ ମରନ୍ତୁ ଏପରି ଅସମୟରେ ।

ଇତି

ମୃଣାଳ ଦାସ ।"

ସଂବାଦ ଶେଷରେ ଲେଖାଥିଲା - "ପ୍ରାରମ୍ଭିକ ଅନୁସନ୍ଧାନରୁ ଯାହା ଜଣାପଡୁଛି, ପାଦରେ ଖୁବ୍ ଦାମିକା ନୂଆ ଜୋତା ହଳେ ପିନ୍ଧିଥିବା ମୃଣାଳ ଦାସ ନାମକ ଏହି ଯୁବକ ଜଣକ ଜୋରୁ ଜୋରୁ ଦଉଡୁଥିବା ସମୟରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ପ୍ରାଣ ହରାଇଛନ୍ତି ।

ଖାମ୍‌ଖିଆଲି ଭାବେ ଗାଡ଼ି ଚଳାଇ ଲୋକଙ୍କ ପ୍ରାଣ ନେଉଥିବା ଗାଡ଼ିଚାଳକମାନଙ୍କୁ ପୋଲିସ ଜବତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଛି ।"

ଆସିଷ୍ଟାଣ୍ଟ ପ୍ରଫେସର

ରାଜନୀତି ବିଜ୍ଞାନ ବିଭାଗ

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

■ ■ ■

# ସତମୁହଁ

ଦେବାଶିଷ ସାମନ୍ତରାୟ

ସତରେ କ'ଣ ମୁହଁଟା ଏତେ ଅସୁନ୍ଦର ଥିଲା !

ଯୋବ୍ରା ଆନିକଟ୍ ବ୍ରିଜ୍‌ର ପାରାପେଟ୍ ଉପରେ ଛିଡ଼ା ହୋଇ ମହାନଦୀର ଗଭୀର ଜଳରାଶିକୁ ଚାହିଁଲାବେଳକୁ ମନରେ ଆସୁଚି ଅନେକ ପ୍ରଶ୍ନ । ବର୍ଚ୍ଛାପରି ଭେଦଉଛି ସେସବୁର । ସେଇ ଶାଣିତ ଧାରରେ ମୁହୂର୍ତ୍ତମାନ ମନେହୁଅନ୍ତି ଅଶେଷ ଦୁର୍ବଳ ଓ କେବେକେବେ ନ୍ୟୂନ ।

ସବୁ ଘମଣ୍ଡ ଚୁରମାର୍ ହୋଇସାରିଲାଣି, ଆଗରୁ । ଅନେକ ଅଭାବିତ ଘଟଣା ସବୁ ଘଟିଗଲା ପରେ ଜୀବନରେ ପ୍ରଥମଥର ନିଜର କ୍ଷୁଦ୍ରତା ବାବଦରେ ସଚେତନ ହୋଇଚି ମୁଁ । ବିଚାରର ନିକିତିରେ କ'ଣ ସବୁ କରିବା ଉଚିତ ଅନୁଚିତ ଥିଲା, ଏବେ ଜାଣି ହେଉଚି ।

ଭେଟିଥିବା ଚରିତ୍ରମାନଙ୍କୁ ଏବେ ତଉଲୁଚି । ସମସ୍ତେ ଧପ୍‌ପାବାଜ । ବେମର୍ଦ୍ଦ । ଜୀବନ ସାହୁ ଠୁ ଦୁର୍ଗା ଦାସ ଯାଏଁ । ଏମାନେ ମନେପଡ଼ିବାରୁ ଘୃଣାର ପ୍ରଲେପ ବୋଲି ହୋଇଯାଉଚି । ଛିଛିକାର ଲାଗୁଚି । ପଚାମଢ଼ ଉପରେ ସାଲୁବାଲୁ ପୋକ ଚରୁଥିବାର ଘୃଣ୍ୟ ଦୃଶ୍ୟଠାରୁ ଆହୁରି ଘୃଣ୍ୟ ମନେହେଉଚି ।

ବିଷ କାଟୁ ନ କରିବାକୁ ଅଧିକ ବିଷର ମାତ୍ରା ପ୍ରୟୋଗ ପରି ପାପରୁ ମୁକ୍ତି ଲାଗି ତତୋଽଧିକ ପ୍ରାୟଶ୍ଚିତର ଆବଶ୍ୟକ ପଡ଼େ । ମୋର ଏକମାତ୍ର ଲକ୍ଷ୍ୟ ଯେତିକି କୁକର୍ମ କରିଚି, ସେଥିରୁ ମୁକ୍ତି ପାଇବାକୁ, ମୋ ପାପୀମନକୁ ବୁଝାଇବାକୁ ଦଣ୍ଡ ଦରକାର । ହୁଏତ ଆଶ୍ୱସ୍ତି ଟିକେ ମିଳିପାରେ ମୋ ଅସ୍ଥିର ମନକୁ ।

କେହି ଯଦି କହିଦିଅନ୍ତା - ଯା, ନଈକୁ ଡେଇଁପଡେ । ଗ୍ରାଇଣ୍ଡରରେ ମସଲା ଚୂରିହେଲା ପରି ତୋର ହାତ ଗୋଡ଼ ଚୂରି ହୋଇଯାଉ ମହାନଦୀର ଏଇ ଗଭୀର ସ୍ରୋତରେ । ମୁଁ ଡେଇଁପଡ଼ନ୍ତି ।

ପ୍ରାୟଶ୍ଚିତ କରିବାର ଏକମାତ୍ର ମାର୍ଗ ଯାହା ମୁଁ ଏଯାଏଁ କରିନାହିଁ, କେହି ଯଦି ମୋତେ ବତେଇ ଦିଅନ୍ତା - କଂସେଇର ମାଂସକଟା ଚାପଡ଼ରେ ନିଜକୁ ଚେକିଚେକି କରି ଗରେଇପକା, କାଳବିଳମ୍ବ ନ କରି ଖୁବ୍ ଜୋର୍‌ରେ ଚୋଟଟିଏ ପକାନ୍ତି ଠିକ୍ ଜଙ୍ଘମୂଳକୁ । ଧାରଧାର ରକ୍ତ ବହୁଥିବାର ବିଭତ୍ସ ଦୃଶ୍ୟ ଦେଖି ହତୋତ୍ସାହିତ ନ ହୋଇ ବରଂ ସାମାନ୍ୟ ଖୁସିଟିଏ ପଛେ ହୁଅନ୍ତି ।

ଏବେ ମୁଁ ସବୁକିଛି କରିପାରନ୍ତି, ଜଣେ ଖାଲି କହିଦେଲେ, ଅଥଚ କେହି ଜଣେ ବି କିଛି କହୁନାହାନ୍ତି ।

ତେଣୁ ମୁଁ ଶଢ଼ୁଚି ।

ଶଢ଼ିବାରେ ଦୁଃଖ ନାହିଁ, ପ୍ରାୟଶ୍ଚିତ କ କରିପାରିବାର ଦୁଃଖ ମୋତେ ଦହି ପକାଉଚି । ବାବନା ଭୂତ ପରି ମୋତେ ଅସ୍ଥିର କରିଦେଉଚି । କେମିତି କହିବି, ଜୀବନ ସାହୁଠୁ ଗଉତମ ଲେଙ୍କା ଦେଇ ଦୁର୍ଗାଦାସ ଆଦିଙ୍କର ମନ ଭିତରେ ଘୂରି ବୁଲୁଥିବା ସଇତାନ୍‌ର କଥା !

'ବାବୁ ! ତୁମେ ସବୁଦିନେ ମନ ଉଦାସ କରି ଏଇଠି ବସିରହୁଚ, ଆସ ମୋ ସାଥିରେ ଘରକୁ । ହୁଏତ ତୁମକୁ କିଛି ସାହାଯ୍ୟ ମିଳିପାରେ ।'

ଏଇମିତି ଦିନେ, ଠିକ୍ ଆଜିକୁ ପନ୍ଦର ବର୍ଷ ତଳେ, ଏଇ ମହାନଦୀର ବନ୍ଧ ଉପରେ ନଇକୁ ଅନମନା ହୋଇ ଦେଖି କିଛି ଭାବୁଥିଲାବେଳେ ଜଣେ ପ୍ରୌଢ଼ ମୋ କାନ୍ଧରେ ହାତ ରଖି କହିଲେ ।

ବୁଲିପଡି ପଛକୁ ଦେଖେ - ମୋତେ ଅଶ୍ୱାସନା ଦେବାକୁ ମୋ କାନ୍ଧରେ ହାତ ରଖିଥିବା ବ୍ୟକ୍ତି ଜଣକ ମୋ'ଠୁ ବେସାହାରା ପରି ଦିଶୁଛନ୍ତି । ଇସ୍ତ୍ରୀ ଦିଆନଯାଇ ଲୋଚାକୋଚା ହୋଇଥିବା ଅଥଚ ସଫା ପ୍ୟାଣ୍ଟ ସାର୍ଟ ହଳେ, ପାଦରେ ମାମୁଲି ରବର ଚପଲ ।

ଏଇ ଲୋକ ମୋତେ ସାହାଯ୍ୟ କରିବ ।

ପାଗଳଟାଏ କି ?

ତା' ପାଗଳାମିର ଶିକାର ହୋଇ ଆହୁରି ହନ୍ତସନ୍ତ ହେବିନି ତ !

ହୋଇପାରେ ମୋତେ ମୁର୍ଗା ବନେଇ କିଛି ଅଭୀଷ୍ଟ ଲକ୍ଷ୍ୟ ସାଧନର ଇଚ୍ଛା ଥିବ ଲୋକଟିର ଭିତରେ। ନିଜକୁ ନିଃସ୍ୱ ନେ କରୁଥିଲାବେଳେ ପୃଥିବୀର ସବୁ ଲୋକ ଅନ୍ତତଃ ଏଇ ଅବସ୍ଥାଠୁ ଭଲରେ ଥିବେ, ଏପରି ଏକ ଧାରଣା ଜନ୍ମେ। ବରଂ ଯା'ଠୁ ଯେ ଖରାପ ସ୍ଥିତିରେ କେହି ଥିବେ, କଳ୍ପନା କରିହୁଏନା।

ଲୋକଟି ସାହାଯ୍ୟ କରିପାରେ, ମୋର ଏଇ ଦୁର୍ଦ୍ଦିନରେ ତାହା ନିତାନ୍ତ ଜରୁରୀ, ରକ୍ତହୀନତା ରୋଗ ଭୋଗୁଥିବା ରୋଗୀଟି ପାଇଁ ବୁନ୍ଦା, ରକ୍ତର ମହାର୍ଘ ଆବଶ୍ୟକତା ପରି।

ଲୋକଟି ଠକିଦେଇପାରେ, କ'ଣ ଅଛି ଯେ ମୋ ପାଖରେ, ଲୁଟିନେବେ।

ମୁଁ ଚାଲିଲି, ଲୋକଟିର ପଛରେ।

ତା' ଫୁଟାଣି ଧରାପଡୁ। ସେ ମୋ ଆଗରେ ଲଜ୍ଜିତ ହେଉ। କିଳାଟିଏ ଡାକି ଆଣିଚି ଭାବି ତା'ଘର ଲୋକ ତାକୁ ଗାଳି କରନ୍ତୁ। ତାକୁ ଚଟ୍‌କଣା ଖାଇଲା ପରି ଲାଗୁ, ମୋତେ ସାହାଯ୍ୟ ନ କରିପାରିବାରୁ। ସେଇଥିରେ ମୋର ଖୁସି। ମୋର ଜିତାପଟ।

ଏଇମିତି ଏକ ଅପେକ୍ଷାମାଣ ସମୟର ଲୋଭରେ ମୁଁ ଚାଲୁଥିଲି, ଲୋକଟିର ପଛେ ପଛେ। ଲୋକଟି ଅଟକିଲା ଏକ ଛୋଟ ଦୁଇ ବଖୁରିଆ ଆଜବେଷ୍ଟସ୍ ଛପର ଘରେ। ଡାକିଲା, 'ସୃଜନୀ' ପାଣି ଦୁଇଗ୍ଲାସ୍ ଆଣିଲୁ ମା।'

ଢକଢକ କରି ପି' ଦେଲି ପାଣିତକ, କାହାକୁ ନ ଅନେଇ। ବେଶ୍ ଶୋଷଥିଲା ବୋଧେ ମୋ ଭିତରେ।

ଚହିଁ ଦେଖିଲା ବେଳକୁ ସୃଜନୀ ନାଇଁ। ନ ଥାଉ। ମୋର ତ ବୁଢ଼ା ପାଖରେ କାମ। ନିଜକୁ ଖୁଉବ୍ ଚାଲାକ ଓ ପ୍ରତିପକ୍ଷ ବୁଢ଼ାକୁ ବୋକା ଭାବୁଥିଲାବେଳେ ଅତୀବ ମାମୁଲି ପ୍ରଶ୍ନ : 'ଘର ?'

'ଜଗତ୍‌ସିଂହପୁର'

'ରୁହ ?'

'ଷ୍ଟେସନରେ। ନାଇଁ ......... ନାଇଁ ............ । ହଷ୍ଟେଲ୍‌ରେ ରହୁଥିଲି, ଏବେ ଆଉ ରହୁନି।'

'ପଢ଼ା ସରିଲାଣି ?'

'ହଁ। ରେଭେନ୍‌ସାରୁ ଏମ୍.ଏ.।'

'ବାଃ। ବଢ଼ିଆ'।

ଯା' ପରେ କ'ଣ କୁହାଯାଏ, ମୋତେ ଜଣା ଥି ନଥିଲା। ଚୁପ୍ ରହିଲି। ବୋକା ବୁଢ଼ା କହିଲା, ଏଇଠି ଏଇଠି ହିଁ ରହିବ। ଖାଇବା ପିଇବା ବି ଏଇଠି। ଭାବିନିଅ, ଏଇଟା ତୁମ ଘର।

ସତରେ ! ମୁଁ ବିଶ୍ବାସ କରିପାରିଲିନି ଷ୍ଟେସନରେ ରହିବା ଏଣିକି କଷ୍ଟକର ହୋଇପଡ଼ିଥିଲା ରେଳବାଇ ପୁଲିସ୍ ଦୁଇଜଣ ମୋତେ ଚିହ୍ନିସାରିଥିଲେ ଓ ସନ୍ଦେହ କରି ଜେଲ୍‌ରେ ପୁରେଇ ଦେବାର ଠିକ୍ ପୂର୍ବ ଧମକଟା ବି ଦେଇସାରିଥିଲେ, ଗଲାକାଲି ରାତିରେ।

ମୋତେ ଟିକେ ହାଲ୍‌କା ଲାଗିଲା।

ବୁଢ଼ା ବୋକା ହେଉ ପଛେ, ଜାଗା ଖଣ୍ଡେ ଡ ଦେଲା। ତା' ଭିତରେ ମନ୍ଦ ଉଦ୍ଦେଶ୍ୟ ଯାହା ଥାଉ ପଛେ, ଯାହା ହେବ ଆଗୁକ ଦେଖାଯିବ। ଏବେ ତ ମୁଁ ରହିଯିବି ଏଇ ମୋର ପ୍ରିୟ କଟକ ସହରରେ ଦିନେ କି ଦୁଇଦିନ ହୁଏତ ଆଉ କିଛି ଦିନ।

ରବିବାର ଛତ୍ରବଜାର୍ ଗହଳି।

ପରିବା ମୂଲଚାଲ କରୁକରୁ ଆଉ ଜଣେ ସାମିଲ ହୋଇଗଲେ। 'ପରିବା ଦାମ୍ ଯାହା ହେଲାଣି, ପୋଇଡଙ୍କ, ଶାଗ ଛଡ଼ା ଆଉ କିଛି ଖାଇ ହେବନି।'

ମୂଲ ତୁଟିଲା। ତାଙ୍କର ଅଧାକୁ ମୋର ଅଧା ଭାବ ପ୍ରୀତି ବି ଜମିଗଲା ସେଇଠି।

'କୋଉ ଡିପାର୍ଟମେଣ୍ଟ ?'

ତତ୍‌କ୍ଷଣାତ୍ ପାଟିରୁ ଅଚାନକ ବାହାରି ପଡ଼ିଲା 'ରେଭିନିଉ'।

'କଟକରେ ?'

'ହଁ। କଲେକ୍ଟରିଏଟ୍‌ରେ।'

'ଓଃ! ତା' ହେଲେ ଆମ କାମ ହେଲା ଏଥର।'

'ପରେ ଦେଖାହେବ' କହି ଖସି ପଳାଇ ଆସୁଥିଲି ସେ ହାତଧରି ଭିଡ଼ିଲେ ମାଲ୍‌ଗୋଦାମ୍ ପଟକୁ - 'ଚା' ଟିକେ ହେଉ ।'

ଚା' ପିଆଇଲାବେଳେ ଏବେ ବ୍ୟବସାୟିକ ମୁଳଚାଲ ହୁଏ।

– କିଛି ମନେକରିବେନି, ନାଁ ଟା ?

'ଗଉତମ ଡାକି ଯାଉଛି ।'

'ଟାଇଟଲ୍'

'ଲେଙ୍କା'

'ହେଃ, ଲେଙ୍କାବାବୁ, ମୋର ଅନେକ କାମ ଆପଣଙ୍କ ଅଫିସ୍‌ରେ। ମୁଁ ଏଇ ତିନିଦିନ ବାହାରକୁ ଯାଉଚି। ଆସନ୍ତା ରବିବାର ଠିକ୍ ଏଇ ଜାଗାରେ ସକାଳ ଆଠଟାରେ ଦେଖାହେବ। ଆଗେ ଚା' ପିଇବା। ଚା'ପରେ ମାର୍କେଟିଙ୍ଗ୍ ।'

'ସିଓର୍'

ସୃଜନୀ ବସିଥିଲା ଦାଣ୍ଡପିଣ୍ଡାରେ। ପରିବା ବ୍ୟାଗ୍‌ଟା ହାତରୁ ନେଉନେଉ ସଳଜ ହସଟେ ହସିଦେଲା। ସୃଜନୀକୁ ଧନ୍ୟବାଦ। ମୋର ଖାଇବା ପିଇବା ଧ୍ୟାନ ରଖିଚି। ତା' ବୁଢ଼ା ବାପ ଯିଏ ମୋ ଆଗରେ ପ୍ରଥମରୁ ବୋକା ପରି ଦିଶୁଥିଲେ, ତାଙ୍କର ଭିନ୍ନ ଭିନ୍ନ ରୂପ ସବୁ ଦେଖି, ତାଙ୍କ ବିଷୟରେ କିଛି ଜାଣି, ଶୁଣି ମୁଁ ଥରକୁଥର ଆଶ୍ଚର୍ଯ୍ୟ ଓ ଲଜ୍ଜିତ ହେଉଚି।

ରାତିରେ ସମ୍ମାସାମ୍ନି ଖାଇ ବସିଥିଲାବେଳେ ସେ ମୋତେ ପଚାରିଲେ -

'ବାବୁ ଜୀବନ, କାମ ସହଜ ଲାଗିଲାଣି ତ।'

'ଆଜ୍ଞା ହଁ। ଆଜି ରବିବାରରେ ବି ଅଫିସ୍ ଯାଇ କିଛି ବାକି କାମ କରି ଆସିଚି ।'

'ବାକି କାମ ଆସେ କୋଉଠୁ ?' ମୁଁ ଚମକିପଡ଼ିଲି, ବୁଢ଼ାଙ୍କର ସାମାନ୍ୟ ଉଚ୍ଚଗଳାରେ ମୋତେ ପାଲଟା ପ୍ରଶ୍ନ ଯୋଗୁଁ।

'ତୁମେ ପ୍ରତିଦିନର କାମ ଠିକ୍‌ରେ ସେଇଦିନରେ ନ ସାରିବାରୁ , ରବିବାରକୁ ସିନା କାମ ବଳିପଡୁଚି। ନଚେତ୍ ରବିବାର ପାଇଁ କାମ ଆସନ୍ତା କୋଉଠୁ ?'

'ଠିକ୍ କଥା' - ମୁଁ ମନେମନେ ଭାବିଲି। ବିରକ୍ତ ବି ହେଲି 'ବୁଢ଼ା, ଆଦର୍ଶ ଦେଖାଉଚି।'

ରବିବାର ସକାଳୁ ସୃଜନୀ ଚା' ଆଣି ରଖିଲା। କିଏ ପିଇବ ଯାକୁ। ମାଲ୍‌ଗୋଦାମ ଛକରେ ଚା' ଦୋକାନର ଚା'ର ସ୍ୱାଦ, ତା' ବାସ୍ନା ଶନିବାରଠୁ ହିଁ ଆଲୋଡ଼ିତ କରି ରଖେ।

'ଏଇ ଆପଣଙ୍କ ଦୁଇହଜାର ଟଙ୍କା। କାଲି ଯେପରି କାମଟା ହୁଏ ।'

'ଏଇଟା ଗୋଟେ କଥା । ପକେଟ୍‌ରେ ଟଙ୍କାଭର୍ତ୍ତି କାଗଜଖୋଳଟି ରଖୁରଖୁ ସଗର୍ବ କହିଲି।

ରବିବାର ଦିନ ଇଚ୍ଛା ହୁଏନି ସେ ଘରକୁ ଯିବାକୁ। ବୁଢ଼ାଠୁ ଦି'ପଦ ଶୁଣିବା ଅପେକ୍ଷା ଏଇଠି ଚା' ଦୋକାନରେ କି କଲେଜ ଛକରେ ଖଟି କରି ସମୟ ସାରିଦେବା ବରଂ ଭଲ। ବୁଢ଼ା ଆଖିରେ ଆଖି ପଡିଗଲେ ଗୁଡେଇତୁଡେଇ ପଚାରିବ, କ'ଣ ସବୁ ହଉଚି। ବୁଢ଼ା ସାମ୍ନାକୁ ନ ଗଲେ ହିଁ ଉତ୍ତମ।

ତଥାପି ଫେରିବାକୁ ପଡେ। ଘରକୁ ଫେରିବା ଡେରି ହେଲେ ସୃଜନୀ ଫୋନ୍ କରେ । ତା'ର ପଚାରିବାର ଅଧିକାର ନ ଥାଇ ବି ସେ ପଚାରେ - କେତେବେଳେ ଫେରିବ ? ପରିବା ଆସିଲେ ରୋଷେଇ ହେବ। ଘରକୁ ଡେରିରେ ଫେରିବାର ଦେଖି, ବୁଢ଼ା କିଛି କୁହାନ୍ତିନି କିନ୍ତୁ ମୁରୁକି ହସନ୍ତି। ମୁଁ ଚମକି ପଡ଼େ। ବଜ୍ଜାତ୍ ଲୋକଟା ମୋତେ ଫଲୋ କରୁଥିଲା କି ! ମୋ ଦୁଇ ନମ୍ବରୀ ଗୁଣକର୍ମର ସୁରାକ୍ ମିଳିଯାଇଛି କି ଲୋକଟାକୁ। ଯଦି ସତରେ ତାହା ହୋଇଥାଏ, ତେବେ ଲୋକଟା ଅତି ମାରାତ୍ମକ।

ଏ ପର୍ଯ୍ୟନ୍ତ ଜାଣିବାକୁ ଚେଷ୍ଟା କରି ବି ମୁଁ ଜାଣିପାରି ନାହିଁ, ବୁଢ଼ା କାହିଁକି ମୋତେ ଏତେ ଦୟା ଦେଖାଇଚି, ମୋ ପାଇଁ ଭଗବାନ୍ ସ୍ୱରୂପ ରହିବା, ଖାଇବାର ବନ୍ଦୋବସ୍ତ ସହିତ ଯୋଗାଡ଼ କରିଦେଇଚି ଛୋଟ ଚାକିରି ଖଣ୍ଡେ।

ଦିନ ଯେତେ ଗଡ଼ି ଚାଲିଚି, ବୁଢ଼ା ଅଧିକ

ରହସ୍ୟମୟ ହୋଇଉଠୁଚି । ବୁଢ଼ାକୁ ଠକିବାକୁ ମୋର ଇଚ୍ଛା ପ୍ରଥମରୁ ନଥିଲା। ତଥାପି ବୁଢ଼ାକୁ ଠକିଦେଇଚି, ସମୟର ଦାୟରେ ।

ଗଳିମୁଣ୍ଡରୁ ମେନ୍ ରାସ୍ତାକୁ ଥରେ ଉଠିଲାବେଳକୁ, କେହି ଜଣେ ବଡ଼ ପାଟିରେ ଡାକିଲା 'ସୋ...ଅ...ମ୍' । ପାଦ ମୋର ରହିଗଲା, ପରିଚିତ ନାଁଟି ଶୁଣି, କେତେ ଦିନରୁ କେହି ଡାକିନାହାଁନ୍ତି ମୋତେ, ଏଇ ନାଁରେ । ସେଇଥିପାଇଁ ବେଳେବେଳେ ଇଚ୍ଛା ହୋଇଚି ଗାଁକୁ ଫେରିଯିବି । ଆଜି ଦେଖେ ତ, ଗାଁରେ ରହୁଥିବା ପିଲାଦିନର ସାଙ୍ଗ ମୋ ନାଁ ଧରି ଡାକି ଡାକି ମୋରି ଆଡ଼କୁ ମାଡ଼ି ଆସୁଚି ମୋତେ କୁଣ୍ଢେଇ ନେବାକୁ । ସେତେବେଳକୁ ବେଲୁନ୍ ଫୁସ୍‌କିଗଲା ପରି ମୋ ଦେହରୁ ଜୀବନତକ ଛାଡ଼ିଯାଇଚି । ମୋ ହାତ ଆପେ ବଢ଼ିଯାଇନି ସାଙ୍ଗଟିର ପାଖକୁ ।

ସାଙ୍ଗର ପଛେପଛେ ଧୀରପାଦରେ ଆସୁଥିବା ବୁଢ଼ାକୁ ଦେଖି ଚାହିଁକିନା ଲାଗିଲା ।

ଆଗରୁ ବହୁ ଯୋଜନା ପ୍ରସ୍ତୁତ କରି ରଖିଥିଲି, ବୁଢ଼ାର ସମ୍ଭାବ୍ୟ ପ୍ରଶ୍ନରୁ ବର୍ତ୍ତି ବା ପାଇଁ ।

'ତୁମ ସାଙ୍ଗକୁ ଡାକିଲନି ଆମ ଘରକୁ ?'

'କୋଉ ସାଙ୍ଗ ?'

'ଯିଏ ଆଜି ସକାଳେ ତୁମକୁ ଦେଖି ବହୁତ ଖୁସି ହୋଇଯାଇଥିଲା ।'

'ତା'ର ମୋର ମଜାରେ ଯିଏ ଯାହାକୁ ଯୋଉ ନାଁରେ ପାରେ, ଡାକିଦେଉ ।'

ବୁଢ଼ା କିଛି କହିଲାନି । ଚରଚରରେ ଗେପି ଦେଇ ଚାଲିଗଲା । ତଥାପି ମନରେ ଛନକା - ବୁଢ଼ା ଦେଖିଦେଇଚି କି ଆଉ ! ଜାଣି ଦେଲାକି ମୋ ଅସଲି ନାଁଟା ।

ଅସଲିଟା ସଦାବେଳେ ଧୋକ୍‌କା ଖାଏ । ନକଲିଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ପଇଁତରା ମାରନ୍ତି ।

ଗଉତମ ଲେଙ୍କାର ତା' ଦୋକାନର ଖଟି ବିସ୍ତାର ରୂପ ନେଇସାରିଥିଲା । ଜଣେ ନୁହେଁ, ପାଞ୍ଚରୁ ସାତ ହୋଇ ଏବେ ପନ୍ଦର ଲୋକ ଜମା ହେଉଥିଲେ, ରବିବାର ସକାଳୁ । ଅସମ୍ଭବ ମନେହେଉଥିବା କାମଗୁଡ଼ିକ ଚୁଟ୍‌କିରେ ସମ୍ପାଦନ କରାଯାଉଥିଲା । ମୋ ପକେଟ୍ ଭାରି ଓ ନିଅଣ୍ଟ ହେଉଥିଲା ଅନେକ କାମ ଆସୁଥିଲା, ତା'ର ସହଜ ସମାଧାନ କରାଯାଉଥିଲା, ଯେ କୌଣସି ବିଷୟ, ବିଭାଗ ହେଉ ମୁଁ ଉତ୍‌ଫୁଲ୍ଲିତ, ଲକ୍ଷ୍ମୀଦେବୀଙ୍କର ମୋ ପ୍ରତି ସହାୟ ହେବା ଦେଖି ।

ନଚେତ୍ କୂଳକିନାରା ନପାଇ ସୁଇସାଇଡ଼ କରିବାକୁ ଯାଉଥିବା ଲୋକର ଦଶ ବର୍ଷ ଭିତରେ ଏତେ ମୋଟେଇ ବ୍ୟାଙ୍କ ଆକାଉଣ୍ଟ ଓ ଯେକେହି ଦେଖିଲେ ଚମକି ପଡ଼ିଲା ଭଳି ଭିତିରି ସମ୍ପତ୍ତି ହୁଅନ୍ତା କିପରି ?

କେତେ ଲୋକଙ୍କୁ ଯେ ବାଜିମାତ୍ ନ ମାରିଚି କଳାକନା କାହା ମୁଣ୍ଡରେ ନ ବୁଲେଇଚି । ବିରାଡ଼ି ଲୁଚିଲୁଚି କ୍ଷୀର ପି' ଚାଲିଚି, ଏତେ ଦିନ ଏତେ ବର୍ଷ କେହି ଜାଣିବାକୁ ନାହିଁ ।

ସୃଜନୀର ନିରଳସ ମୁହଁ ଦେଖିଲେ ଦାୟ ଆସୁଚି । ବିଚାରୀ ! କୋଉଥିରେ ଗଳ୍ପ । ଏତେ ଦିନ ଭିତରେ ଏକାଠି ରହି ବି ନିରାପଦ ଦୂରତାରେ ରହୁଚି । ଅବହେଳା କି ଅଣଦେଖା ନାହିଁ । ସୃଜନୀକୁ ବୁଝି ହେଉନାହିଁ । ନବୁଝିଲେ ବି ଖାସ୍ ତା'ରି ପାଇଁ ବୁଢ଼ାକୁ ଛାଡ଼ି ଯାଇପାରୁନି ।

ଜୀବନ ସାହୁକୁ ମାରିଦିଅନ୍ତି । ହଜେଇ ଦିଅନ୍ତି ଏଇ ସହରରୁ । ତା' ପିଠିରେ ଖାବେଇକି ଛୁରୀଟା ଭୁସିଦେଲେ କାମ ଖତମ୍ । ହଉନି । ହଉନି ଖାଲି ଏଇ ସୃଜନୀ ଯୋଗୁ । ସେ ମୋ ପାଇଁ ଲକି । ତା'ରି ଯୋଗୁଁ ମୋର ବୋଧେ ଏତେ ଉନ୍ନତି । ଗୋଠ ଫେରନ୍ତା ଗାଈ ପରି ଦିନସାରା ଯେଉଁଠି ଚରିଲେ ବୁଲିଲେ ବି ନିଇତି ଫେରୁଚି, ସୃଜନୀର ଘରକୁ ।

ବୁଢ଼ା ଏବେ ମୋର ପ୍ରତିଦ୍ୱନ୍ଦୀ । ମୋତେ ଲାଗୁଚି, ମୋରି ପରି ସେ ବି ଫେରୁଚି ସୃଜନୀର ଘରକୁ, ଦିନଯାକର କାମ ସାରି । ବୟସ ଗଡ଼ିସାରିଲା ପରେ ବି କୋଉ ବାପ ଝିଅର ବାହାଘର ଚିନ୍ତା ନକରନ୍ତା !

ବୁଢ଼ା ସୁଦ୍ଧୁ ବୋକାଟା । ସେ ଜାଣିପାରୁନି, ଯାହାକୁ ପାଳିପୋଷି କ୍ଷୀର ଖୋଇ ମଣିଷ କରୁଚି ବୋଲି ଭାବୁଚି, ସେଇଟା ଗୋଟେ ଗୋଖର ସାପ ।

ଗଉତମ ଲେଙ୍କା ସାପ ଭଳି ପଶିପାରୁଥିଲା ସବୁଠି, ସବୁ ବିଭାଗର କର୍ମଚାରୀଙ୍କୁ ହାତ କରି। ତା'ର ଚୋରାହୁପାର ସଂସାର ଥିଲା, ସମସ୍ତଙ୍କ ନଜରକୁ ଏଡାଇ, ଲୁଚିଛପି। ମାଲଗୋଦାମ ତା' ଦୋକାନରେ ରବିବାର ଖଟିର ନୂତନ ସଂସ୍କରଣ ହୋଇସାରିଥିଲା। କେବଳ ରବିବାର ନୁହେଁ, ଯେ କୌଣସି ଦିନ ଆବଶ୍ୟକ ପଡିଲେ ଯେ କୌଣସି ସମୟରେ ଗଉତମ ଲେଙ୍କାର ମଟର ସାଇକେଲ ଆସି ପହଞ୍ଚି ପାରୁଥିଲା।

ଏ ହାତରେ କାମ, ଆର ହାତରେ ଟଙ୍କା। ସବୁ ବିଭାଗରେ କାକଭୂଷଣ୍ଡର ହାତ ପରି ତା'ର ଅବାଧ ପହଞ୍ଚ। ତା'ର ସବୁ ଚାଲିଥିଲା ବେଶ୍ ସୁରୁଖୁରୁରେ।

ଚାଲିଥାନ୍ତା ବି। ଯଦି ଏକ ରବିବାରୀୟ ସକାଳରେ ତା' ଦୋକାନରେ ଅଚାନକ ଏକ ହୁଣ୍ଡାଇ ଭର୍ନା କାର୍ ଅଟକି ନଥାନ୍ତା ଓ ସେ କାର୍‌ରୁ ବାହାରି ଲୋକଟି ହଠାତ୍ ଗଉତମ ଲେଙ୍କାକୁ ଦୁର୍ଗା ଦାସ ବୋଲି ଡାକି ପଛରୁ କୁଣ୍ଢାଇନଥାନ୍ତା।

ଖଟିରେ ସମବେତ ମହକିଲୀୟ ହତବାକ୍‌ଙ୍କୁ ତୁରନ୍ତ ନିର୍ବାପିତ କରିବାକୁ ହୋମାଗ୍ନିରେ ପାଣି ଲିଏ ଗୁଡ଼ମିଶା ଜଳ ଛିଞ୍ଚିଦେଲା ପରି ଗଉତମ ଲେଙ୍କାର ସଫେଇ -ହେ.... ହେ..... । ଆପଣମାନେ ଟିକେ ଅପେକ୍ଷା କରନ୍ତୁ। ଅନ୍ତରଙ୍ଗ ବନ୍ଧୁ ତ। ବହୁତ ଥଟ୍ଟା ତାମସା କରେ।

ବିନା ଉପକ୍ରମରେ ସେ ଲୋକଟିକୁ କାର୍ ଭିତରକୁ ଟାଣିନେଇଗଲା।

'ବୁଦ୍ଧି ବିଚାର ନାଇଁ, ରାସ୍ତାଘାଟରେ ଏତେ ବଡ଼ପାଟିରେ ଡାକୁଚ'।

'କାହିଁ। ତୁମ ସମ୍ମାନରେ କ'ଣ ଆଞ୍ଚ ଆସିଲା। ନାଁ ଧରି ଡାକିବିନି ତ ଆଉ କ'ଣ ଡାକିଥାନ୍ତି ?'

ପୁଟର୍ ଫାଟର୍ ବଢ଼ିଚାଲିଥିଲା ଟା'ଖଟିରେ। ଅବିଶ୍ୱାସର ମଞ୍ଜିଟିଏ ଗଜୁରି ଉଠିଥିଲା।

ଅବିଶ୍ୱାସ କରିବାକୁ ବାଧ ହେଉଥିଲା ସୃଜନୀ। କ୍ରମଶଃ ଜୀବନ ସାହୁ ଅସନ୍ତୁଳିତ ହେବାକୁ ବସୁଚି। ଫୋନ୍ କଲ୍‌ଟିଏ ଆସିଲେ ହଡ଼ବଡ଼େଇ ଯାଉଚି ଜୀବନ। କଥା ହେଲାବେଳେ କାଳେ କିଏ ଶୁଣିଦେଉଚି ଭାବି ଚାରିପଟକୁ ଚାହୁଁଚି।

ଦୁର୍ଗା ଦାସ ବିଷୟରେ ସୋମ୍ ଭାବୁଚି। ବଡ଼ ବିଚିତ୍ର ଭାବେ ତା'ଜନ୍ତୁ। ଗଉତମ, ଜୀବନ, ସୋମ୍ ସବୁ ମଜିନ ପଢ଼ିବାକୁ ବସିଥିଲାବେଳେ ନିରାପଦ ଦୂରତାରେ ରହି ଏମାନଙ୍କ ଉପରେ ଗଭୀର ନିରୀକ୍ଷଣ କରୁଥିଲା ଦୁର୍ଗା ଦାସ। ଏମାନେ ଆପଣେଇ ନେଉଥିବା ଯୋଜନା ଓ ଚାଲିଚଳନ ଉପରେ ଗଭୀର ନଜର ରଖୁଥିଲା। ଏମାନେ ବଞ୍ଚିବା ଦର୍କାର।

ଏମାନେ ମିଛ କହି ନିଜକୁ ଏଭଳି ଗଭୀର ଗର୍ଭ ଭିତରକୁ ଠେଲି ଦେଇଛନ୍ତି ଯେ, ସେଠୁ ମୁକ୍ତି ପାରୁନାହାନ୍ତି। ନିଜ ଉପରେ ସେମାନଙ୍କ ଭରସା ନାହିଁ। ମିଛ କହୁଥିବା ଲୋକକୁ ଅନ୍ୟମାନେ ବିଶ୍ୱାସ କରନ୍ତିନି ଏପରି ନୁହେଁ ବରଂ ସେ କାହାକୁ ବିଶ୍ୱାସକୁ ଆଣେ ନାହିଁ।

ଏମାନେ ଅଡୁଆ ସୂତାରେ ଗୁଡେଇ ହୋଇ ଛଟପଟ ହେଉଛନ୍ତି। ସତ କେବେ କହିନାହାନ୍ତି। ସତ କହିଥିଲେ ମନେପକେଇବାକୁ ପଡ଼ନ୍ତାନି, କେଉଁଠି କ'ଣ କହିଛ।

ଦୁର୍ଗା ଦାସର ପ୍ରୟାସ ଜାରି ରହିଚି, ଏମାନଙ୍କର ସ୍ଥିତି ବଜାୟ ପାଇଁ। ସେ ଏମାନଙ୍କୁ ଜୀବନ ସର୍ବସ୍ୱର ନିୟମ ବୁଝାଏ -

ତୁମେ ଭିତରେ ଯେତେ ରୁଗ୍ଣ ହୁଅ, ଅସ୍ଥିର ହୁଅ, ତୁମର ସ୍ଥିତି ପ୍ରଦର୍ଶନ କରିବାକୁ ସେ ରୁଗ୍ଣତା, ଅସ୍ଥିରତା ଉପରେ ପ୍ରଲେପ ଦେଇ ହସହସ ଯାହା କରିବାର କ୍ଷମତା ରଖିଚ, ହଉ ପଛେ ଛୋଟ, ଦର୍ଶକ ସମ୍ନାରେ ତାହା କରିଦିଅ । ବାସ୍। ସାବାସି ପାଇବ।

ଦୁର୍ଗା ଦାସର ଚେଷ୍ଟାକୁ ସୋମ୍ ବୃଥା ମନେ କରୁଥିଲା। ସେ ଏଇଠୁ ଫେରିଯିବାକୁ ଚାହେଁ। ତା' ପିଲାଦିନେ, ଗାଁ ପୋଖରୀ, ସାଙ୍ଗ ସାଥୀଙ୍କର ଡାକରେ ସେ ବିହ୍ୱଳ ଓ ଉଚ୍ଛନ୍ନ ହୋଇପଡୁଥିଲା।

ସେ ଜାଣେ, କାଠ ପାଣିରେ ଦଶବର୍ଷ ହୁଏତ ବୁଡ଼ି ରହିପାରେ, କୁମ୍ଭୀର ହୋଇପାରେନା। ପରିସ୍ଥିତିରେ ଚାପରେ ବଞ୍ଚିବାର ସଂଘର୍ଷରେ ଜିତିଯିବା ଲାଗି ତା'ର ସିନା

ତେ ରୂପ, ଏତେ ବଦଳ କିନ୍ତୁ ସୃଜନୀ ବୈଠକ ଘରେ ଟାଙ୍ଗିଥିବା ବାଘ ଫଟୋଚିତ୍ରରେ ଯେଉଁ ତିନୋଟି ଶବ୍ଦ ଲେଖାହୋଇଚି, ତାକୁ ଲାଗେ, ତା'ରି ପାଇଁ ସୃଜନୀ ଲେଖିଚି 'ବାଘ ବଦଳାଏନା ଦାଗ'।

ରାତିରେ ଠିକ୍‌ରେ ନିଦ ଲାଗେନା ସୋମ୍‌କୁ।

ସେ ନିଭୃତରେ ଆଲୋଚନା ଜାରି ରଖେ - ଜୀବନ, ଗଉତମ, ଦୁର୍ଗା ସହ । କିଏ ତା' କଥାକୁ ସମର୍ଥନ କରେ ତ କିଏ କରେ ବିରୋଧ।

'ଯଦି ତୁମେ ନିଜ ଜୀବନ ପାଇଁ ଯୋଜନା ରଖିନ, ତୁମେ କେବଳ ଅନ୍ୟ ଜଣଙ୍କର ଯୋଜନାରେ ଅଂଶ ହୋଇଯିବ'। ଗଉତମ ତା' ପକ୍ଷ ରଖେ।

ଜୀବନ ଭାବେ, ସେ କିଛି ନୁହଁ। ଗଉତମ, ଦୁର୍ଗାଙ୍କ ବିଷୟରେ ଭାବିଲା ବେଳକୁ ସେ ନିଜକୁ ନ୍ୟୂନ ମନେକରେ। ଏମାନଙ୍କର ଦିନକର ରୋଜଗାରଠୁ ତା'ର ମାସକର ରୋଜଗାର ବହୁତ କମ୍। ସୃଜନୀର ବୁଢ଼ା ବାପ ବେସରକାରୀ ସଂସ୍ଥାରେ ଯୋଗାଡ଼ କରିଦେଇଥିବା କିରାଣୀ ଚାକିରିରେ ସେ ଆଣ୍ଠେଇ ପଡ଼େ।

ଦୁର୍ଗା ଦାସ ଅଭୟ ବାଣୀ ଶୁଣାଏ 'କାହାର କିଛି ହେବନି। ମୁଁ ଅଛି ମାନେ ଗଉତମ ଅଛି। ସୋମ ବି ରହିବ, ଜୀବନ ବି ହାରିବିନି ।' ଦୁର୍ଗା ଦାସର ଏ ବାହାପିଆ କଥାରେ ବିଶ୍ୱାସ କରିହେଉନି। ଦିନକୁଦିନ ନୂଆ ସମସ୍ୟା ଆସି ଠିଆ ହଉଚି। ସୋମ୍ ଜାଣେ , ସବୁ ମିଛ ଓ ଠକାମିର ମୂଳଦୁଆରେ ଠିଆ। ପବନର ତୀବ୍ରତାକୁ ସହିପାରିବନି। ମହମର ପ୍ରଲେପ ବୋଲି ନୂଆରୂପ ନେଇଥିବା ଏ ସ୍ଥାଣୁ ସବୁ ନିଆଁର ଝାସରେ ତରଳିଯିବେ।

ଆଜି ସକାଳର ଘଟଣା ମୂକସାକ୍ଷୀ।

ମାଇଗୋଦାମ ଛକରେ ଚା' ଦୋକାନର ମହକିଲମାନେ ବେସମ୍ମାନ କଲେ ଗଉତମକୁ । ସେ ଠୋ ଠୋ ଜବାବ ଦେଲା। ଫଁକିନା ମାଡ଼ି ବସିଲା। ନିଜକୁ ଭାବୁଚି ସେ ଅପ୍ରତିଦ୍ୱନ୍ଦୀ।

ଜୀବନ ଦୁର୍ବଳ ମନରେ ଫେରୁଥିଲା ଘରକୁ।

ଦାଣ୍ଡ ଦୁଆରୁ ଶୁଣିଲା ବୁଢ଼ା ସୃଜନୀକୁ କ'ଣ ସବୁ ବୁଝାଉଚି - 'ଇଶ୍ୱର ତୁମକୁ ଗୋଟିଏ କାରଣ ପାଇଁ କାରଣ କରି ପଠାଇଛନ୍ତି। ଯାହା ତୁମେ କରିବାର ଅଛି, ତାହ ତୁମେ ଛଡ଼ା ଆଉ କେହି ତୁମଠୁ ଭଲଭାବେ କରିପାରିବେ ନାହିଁ।'

ରାତିରେ ଖାଇଲାବେଳେ ଜୀବନ ଚାହିଁପାରୁନି ବୁଢ଼ାକୁ। ସଙ୍କୁଚି ଯାଉଚି ଭିତରେ। ବୁଢ଼ା ବଡ଼ ଉଦାର ନିଶ୍ଚେ। ନଚେତ୍ ଘରେ ବଢ଼ିଲା ଝିଅ ଥାଇ ବି ତା' ଭଳି ବେକାର ଯୁବକଟିଏକୁ ରାସ୍ତାରୁ ଉଠାଇ ଘରେ ରଖ ଥଇଥାନ କରବା କ'ଣ ସହଜ କଥା ?

ବଦଳରେ ସେ ବୁଢ଼ାକୁ ଦେଇଚି କ'ଣ ?

ସେ ଠକିଚି। ଦୁର୍ଗା ଦାସ ବୋଲରେ ପଡ଼ି ମାରାତ୍ମକ ଷଡ଼ଯନ୍ତ୍ର ବି କରିଚି। ଦୁର୍ଗା ଦାସ ଉସୁକେଇଥିଲା, 'ବୁଢ଼ାକୁ ଜାଣିନୁ ? ତୋତେ ଘରେ ରଖି ସାଇପଡ଼ୋଶୀଙ୍କ ଟାହିଟାପରା ସେ କେତେ ସହିଚି। ଖାଲି ସୃଜନୀକୁ ତୋତେ ଛନ୍ଦିଦେବ ମୋଫତ୍‌ରେ।'

ବୁଢ଼ା ଭାବୁଚି, ତୁ ମାସକୁ ବାରଶହ ଟଙ୍କାର ବେତନଭୋଗୀ କିରାଣି। ତୋର ଆଉ ଅନ୍ୟ ଚାରା ନାହିଁ। ଦୁର୍ଗାଦାସ ବୁଢ଼ାକୁ ଚେକେ ଦେଲାଭଳି ଠିକ୍ କରିଚି ଗୋଟେ ଝିଅ। ଜୀବନ ସାହୁକୁ ସୁଟ୍ କଲା ଭଳି। ୯ଅଟି ବି ଛନ୍ଦି ହୋଇଗଲାଣି ବେଙ୍କରେ। ଦୁର୍ଗାଦାସ ଚେତେଇ ଦେଉଚି ବାରମ୍ବାର - ସୁଯୋଗ ଛାଡ଼େନି। ମନ୍ତ୍ରୀଙ୍କ ପି.ଏ.ଙ୍କ ଏକମାତ୍ର ଗେଲବସରି ଝିଅ। ଶିକ୍ଷିତା, ସ୍ମାର୍ଟ ଓ ଚତୁରୀ। ସୃଜନୀଠି କ'ଣ ଅଛି କି ଏମିତି ? ତୁ ଆଜି ଯାହାକୁ ଠିକ୍ ଭାବୁଚୁ, ହୁଏତ ତାହା ଭୁଲ ପ୍ରମାଣିତ ହେବ ପରେ ଓ ଏବେ ଯାହାକୁ ଭୁଲ୍ ଭାବି ଦୂରେଇ ଯାଉଚୁ, ତାକୁ ହାତଛଡ଼ା କରି ପଶ୍ଚାତାପ କରିବାକୁ ପଡ଼ିପାରେ।

ବୁଢ଼ା ଘର ଛାଡ଼ିଦେବାକୁ ରାଜି ଅଛି। 'ଯା'ରେ ବାବୁ, ତୋତେ ପୁଅ ପରି ପାଳିଥିଲି। ତୋର ଉନ୍ନତି ବାଟରେ ଯଦି ଭାବୁଚୁ ମୁଁ ବାଟ ଅବରୋଧ କରୁଚି, ତୁ ଆଜିଠୁ ଏଇ ଘରେ ରହ। ସୃଜନୀକୁ ନେଇ ମୁଁ ଯାଉଚି। ମୋ ତିଆରି ଅନାଥାଶ୍ରମରେ ରହିବି।'

ଅନାଥାଶ୍ରମ ! ବୁଝିଲାବେଳକୁ ମୋ ପାଦ ତଳର ମାଟି ଖସିପଡୁଚି। ଆଜିଯାଏଁ ଏଠୁସେଠୁ ଅନୁଦାନ

ମାଗିଯାଚି, ବୁଢ଼ା ନିଜ ହାତରେ ଅନାଥମାନଙ୍କୁ ସାଙ୍ଗଟି ଆଣି ବସେଇଛନ୍ତି। ଯେପରି ସିଏ ବି ଦିନେ ଥିଲା ଅନାଥ। କଟକ ସହରରେ ପାଦଟିଏ ରଖିବାର ସମାର୍ଥ୍ୟ ତା'ର ନଥିଲା। ଜୀବନର ଏ ଘର କ'ଣ ହେବ ? ତା' ପାଖରେ କ'ଣ ନାହିଁ । ପ୍ରଚୁର ଗୁପ୍ତ ଅର୍ଥ, ସୁନ୍ଦରୀ ନାରୀ, ସମାଜରେ ଷ୍ଟାଟସ୍ ସବୁ କିଛି ।

ସୁନ୍ଦରୀ ଅଥଚ ବୁଦ୍ଧିମତୀ ନାରୀଟି ଫେରିଯାଇଚି।

ନାରୀ ଚାହେଁନା, ସେ ଯାହାର ହାତ ଧରିବ, ସେ ମିଛର ସାଗରରେ ବର୍ତ୍ତିକି ରହୁ। ସେ ସବୁ ସହ୍ୟ କରିପାରିବ, ବିଶ୍ୱାସଘାତକୁ ନୁହେଁ।

ଗଭତମ ଲେଙ୍କାର ପର୍ଦାଫାସ୍ ହୋଇଚି। ମୁହଁ ଟେକି ବାଟ ଚାଲିବାର ଶକ୍ତି ଓ ସାହସ ବି ନାହିଁ। ପେଲ୍ ନାଁରେ ଗଚ୍ଛିତ ଅର୍ଥରାଶି ରଦ କରାଯାଇଚି, ଭିଜିଲାନସ୍ ତରଫରୁ ।ବୁଢ଼ାର ଉଇଲ୍ ପହଞ୍ଚି ସାରିଚି ହାତରେ - ବୁଢ଼ ବର୍ଷୁରିଆ ଆଜବେଷ୍ଟସ୍ ଘର ସେ ପୁତ୍ରସମ ଜୀବନ ସାହୁ ନାଁରେ ମାଲିକାନା ସତ୍ତ୍ୱ ପ୍ରଦାନ କରିଚି। ତା ସହିତ ବୁଢ଼ାର ବାକି ଜୀବନ ଏପରିକି ମଲାମୁହଁ ଦର୍ଶନ ନ କରିବାକୁ ଅନୁରୋଧ କରାଯାଇଚି। ଆଜି ସେ ଶୂନ୍ୟ ! ସବୁ ଥାଇ କିଛି ନାହିଁ।

ପାରାପେଟ୍ ଉପରୁ ମହାନଦୀକୁ ଡେଇଁପଡ଼ିଲେ ରକ୍ଷା । ସେ ମୁଖା ବଦଳେଇ ପାଇଚି ଯେତିକି, ହରେଇଚି ତା' ଠାରୁ ଖୁବ୍ ଅଧିକ। ହତାଶାର ଶେଷ ଶିଖରରେ ପହଞ୍ଚି ଚିହ୍ନା ମଣିଷଙ୍କର ତାଚ୍ଛଲ୍ୟ ହସ ସହି ହେଉନି।

ଈଶ୍ୱର ଦେଇଥିବା ମୁହଁଟି କ'ଣ ଅସୁନ୍ଦର ଥିଲା !

ନ ଥିଲା ତ ! ହୁଏତ ତା'ରି ସାହାରାରେ ବଞ୍ଚି ହୋଇଥାନ୍ତା ଜୀବନ। ବିନା ଫିନ୍‌ଫଟ୍‌ରେ।

ଇ-୩୯୫, ସେକ୍ଟର-୬, ସିଡ଼ିଏ, କଟକ-୧୪

■ ■ ■




॥ ଶାରଦୀୟ ଅଭିନନ୍ଦନ ॥

ପବିତ୍ର ଦୁର୍ଗାପୂଜା ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

ଦୁର୍ଗତିନାଶିନୀ ମା' ଦୁର୍ଗା ଆପଣଙ୍କୁ ସହାୟ ହୁଅନ୍ତୁ

ଯୋଗାଯୋଗ :
୯୮୬୧୦୧୧୬୨୮

ଡକ୍ଟର ଦିପକ କୁମାର ଦାସ
ଅଧ୍ୟାପକ
ଖ୍ରୀଷ୍ଟ କଲେଜ, କଟକ

# ଗାନ୍ଧିବାଦ

ତରୁଣ କୁମାର ସାହୁ

'ଗାନ୍ଧିବାଦ' ଉପରେ ନିଜର ନିବନ୍ଧଟିକୁ ଆଟାଚି ଭିତରୁ ବାହାର କରି ଆଉଥରେ ତା'ର ମୁଖ୍ୟାଂଶ ଉପରେ ଆଖି ଗଡେଇ ନେଲା ସନ୍ଦିପ୍। ଖୁବ୍ ଅଧୟନ କରିଛି ଗାନ୍ଧିବାଦ ଉପରେ। 'ଗାନ୍ଧିବାଦ' ଉପରେ ତା'ର ଅଖଣ୍ଡ ବିଶ୍ୱାସ। ଏଇ ଆଣ୍ଠୁ ଛୁଟୁ ନଥିବା ଧୋତିପିନ୍ଧା ଲୋକଟା କ'ଣ ନ କରି ପକେଇଲା ତା' ଜୀବନରେ। ସମଗ୍ର ପୃଥିବୀ ସ୍ତବ୍ଧ ହୋଇଗଲା ଗାନ୍ଧିଚେତନା ଓ ତା'ର ପ୍ରଭାବକୁ ଉପଲବଧି କରି।

"ଚା ନିଅ' ଫ୍ଲାସ୍‌ରୁ ଢାଳି କପେ ଚା' ତାର ହାତକୁ ବଢ଼େଇ ଦେଲା ତା'ର ସହଯାତ୍ରିଣୀ ସ୍ତ୍ରୀ ଭାରତୀ। ଟ୍ରେନ୍‌ଟି ସେମିତି ଚାଲିଛି ଝୁକ୍‌ଝୁକ୍ ହୋଇ ତୀବ୍ର ବେଗରେ। ଅନ୍ୟାନ୍ୟ ସହଯାତ୍ରୀ ଏକରକମ ଢୁଳଉଛନ୍ତି। ସନ୍ଦିପର ଝିଅ ସହିତ ବନ୍ଧୁତା ଜମେଇଦେଇଛି ତା'ର ବୟସ ପାଖାପାଖି ଆଉଜଣେ ହିନ୍ଦିଭାଷୀ ଝିଅ। ଦି'ଜଣ ହିନ୍ଦି ଆଉ ଇଂରାଜୀରେ କଥୋପକଥନ କରୁଛନ୍ତି।

ଚା'ରୁ ଚୁଷ୍‌କି ନେଉନେଉ ଲେଖାଟି ଉପରେ ପୁରି ଆଖି ଗଡ଼େଇଲା ସନ୍ଦିପ୍। ଗୋଟିଏ ପାରାଗ୍ରାଫ୍ ପଢୁପଢୁ ଅଟକି ଗଲା ସେ। ସବୁବେଳେ ତା'ର ଏଇଠି ଅସୁବିଧା ହୁଏ। ଗାନ୍ଧି ସାରାଜୀବନ ଅହିଂସାର ପୂଜା କରିଥିଲେ। କିନ୍ତୁ ଧର୍ମଯୁଧିଷ୍ଠିର ଥରେ ପାପ କଲାଭଳି ଗାନ୍ଧି ଥରେ ହିଂସାକୁ ଉତ୍ସାହିତ କରିଥିଲେ। ଅବଶ୍ୟ ସେଥିପାଇଁ ପରିପ୍ରେକ୍ଷିଟା ବୁଝିବା ଦରକାର। ଭୀରୁତାକୁ ସଂପୂର୍ଣ୍ଣଭାବେ ବର୍ଜନ କରିବା ପାଇଁ ଦରକାର ପଡ଼ିଲେ ହିଂସାର ସାହାଯ୍ୟ ନେବାକୁ ପଡ଼ିବ- ଏହାହିଁ ଥିଲା ତାଙ୍କର କହିବାର ଉଦ୍ଦେଶ୍ୟ। କିନ୍ତୁ କାହିଁକି ? ଯଦି ଏତେ ପରାକ୍ରମଶାଳୀ ବ୍ରିଟିଶ ସାମ୍ରାଜ୍ୟକୁ ସେ ବିତାଡ଼ିତ କରିପାରିଲେ ଅହିଂସା ସଂଗ୍ରାମ ବଳରେ, ତା' ହେଲେ ଯେ କୌଣସି କ୍ଷେତ୍ରରେ ହିଂସାର ଆଶ୍ରୟ ନନେଇ ସମସ୍ୟାର ସମାଧାନ କରାଯାଇ ପାରିବ ନାହିଁ କାହିଁକି ? 'ଗାନ୍ଧିବାଦ' ଉପରେ ତା'ର ଏଇ ମୃଦୁ ସମାଲୋଚନା ଏବଂ ତାକୁ ଆଧାର କରି ତା'ର ଏଇ ଆଲେଖ୍ୟ। କିଛିଟା ମୌଳିକତା ଏ ଭିତରେ ଖୁନ୍ଦି ହୋଇ ରହିଥିବାର ଅନୁମାନ କରି ସନ୍ଦିପର ଛାତି ସାମାନ୍ୟ ଫୁଲି ଉଠିଲା ଗର୍ବରେ ।

ସନ୍ଦିପ୍‌ର ହାବଭାବକୁ କିନ୍ତୁ ତା' ସ୍ତ୍ରୀ ଭାରତୀ ସବୁବେଳେ ଠଉରେଇ ନିଏ। ମଝିରେ ମଝିରେ ଚିଡ଼େଇବା ପାଇଁ ସେ ତାକୁ କୁହେ "ସତ କହିବି ତମେ କାହିଁକି ଏତେ ଗାନ୍ଧିବାଦୀ ହୋଇଯାଇଛ ?

"କାହିଁକି" ପ୍ରଶ୍ନକରେ ସନ୍ଦିପ୍।

କାରଣ ତମର ଏଇ ନଳନଳିଆ ପତଳା ଦେହ, ନିଜେ ଦୁର୍ବଳ ତ, ତେଣୁ ତମେ ହିଂସାକୁ କେମିତି ଗ୍ରହଣ କରିପାରିବ ? ହିଂସାର ଆଶ୍ରୟ ନେଲେ ତମେ ଆଉ ଚିତ୍‌ପଟାଙ୍ଗ ହୋଇଯିବ ଯେ ।"

ଏତିକି କହିଦେଇ ପାଖରୁ ଉଠି ଦୌଡ଼ି ପଳାଏ ଭାରତୀ। ଆଜି ଟ୍ରେନ୍ ଭିତରେ ବି ସେଇ ପ୍ରଶ୍ନଟି ଦୋହରାଇବା ପାଇଁ ଚେଷ୍ଟା କଲା ଭାରତୀ।

ସନ୍ଦିପ ମୃଦୁରୁ ବାରଣ କଲା ମୃଦୁହସି, "ଆଉ ବହୁତଥର କହିଲୁଣି, ଆଉ କହିବା ଦରକାର ନାହିଁ।"

ସନ୍ଦିପର ସପରିବାର ଯାତ୍ରାର ଗନ୍ତବ୍ୟସ୍ଥଳ ଟାଟାନଗର। କାମ ତା'ର ସ୍ତ୍ରୀ ଓ ଝିଅ ସାଥିରେ ଯାଉଛନ୍ତି ବୁଲିବା ପାଇଁ। ଜାତୀୟ ସ୍ତରରେ ଏକ ସେମିନାର ଆୟୋଜିତ ହୋଇ ଜାମ୍‌ସେଦ୍‌ପୁର ଟାଟାରେ। ବହୁ ବୁଦ୍ଧିଜୀବୀ ଏଥିରେ ଅଂଶ ଗ୍ରହଣ କିରବା ପାଇଁ ଆସୁଛନ୍ତି ଭାରତର ବିଭିନ୍ନ ପ୍ରାନ୍ତରୁ। ସେମାନଙ୍କ ଭିତରେ ଅଛନ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର, ସମାଜସେବୀ, ବହୁ ରାଷ୍ଟ୍ରନୀତିଜ୍ଞ, ପ୍ରାୟ ସବୁ ରାଜନୈତିକ ଦଳର ପ୍ରତିନିଧି, ଅନେକ ଶିକ୍ଷାବିତ୍ ଓ ପ୍ରତିଷ୍ଠିତ ସାମ୍ବାଦିକମାନେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଦାୟିତ୍ୱ ନ୍ୟସ୍ତ

କରାଯାଇଛି ମୌଳିକ ନିବନ୍ଧ ପାଠ କରିବାକୁ । ବିଷୟବସ୍ତୁ "ହିଂସା" ଆତଙ୍କବାଦର ପରିପ୍ରେକ୍ଷୀରେ ଗାନ୍ଧିବାଦର ଭୂମିକା" ଗାନ୍ଧିବାଦ ଉପରେ ନିଜସ୍ୱ ମୌଳିକ ମତ ବିଭିନ୍ନ ଲେଖାମାନଙ୍କରେ ବ୍ୟକ୍ତ କରିଥିବାରୁ ସନ୍ଦିପକୁ ମଧ୍ୟ ଅନୁରୋଧ କରାଯାଇଛି ମୌଳିକ ପ୍ରବନ୍ଧଟେ ପାଠ କରିବା ପାଇଁ ।

ଏଥର ପ୍ରବନ୍ଧଟି ଲେଖିବାବେଳକୁ ସନ୍ଦିପ କିନ୍ତୁ ଭାରି ଅସ୍ଥିର ହୋଇପଡ଼ିଛି । ସାଧୀନତା ପୂର୍ବେ ଥିବା ଭାରତର ସାମାଜିକ-ରାଜନୈତିକ-ସାଂସ୍କୃତିକ ଜୀବନ ଓ ଆଜିର ଏଇ ଏକବିଂଶ ଶତାବ୍ଦୀ ପ୍ରାରମ୍ଭରେ ଦୃଶ୍ୟମାନ ହେଉଥିବା ଭାରତୀୟମାନଙ୍କର ସାମାଜିକ-ରାଜନୈତିକ-ସାଂସ୍କୃତିକ ଜୀବନ ଭିତରେ ଅନେକ ତଫାତ୍ । ସେତେବେଳେ ଗାନ୍ଧି ଡାକରା ଦେଇଥିଲେ ଏକ ବିଦେଶୀ ଶକ୍ତି ବିରୁଦ୍ଧରେ ଏକଜୁଟ୍ ହୋଇ ଅହିଂସାକୁ ମାଧ୍ୟମ କରି ସଂଗ୍ରାମ କରିବା ପାଇଁ ଏବେ କିନ୍ତୁ ଶତ୍ରୁ ଦେଶ ଭିତରେ , ନିଜ ଭିତରେ । ହିନ୍ଦୁ ଓ ମୁସଲମାନମାନଙ୍କ ଭିତରେ ସୁସମ୍ପର୍କ ନାହିଁ, ଶିଖ୍‌ମାନଙ୍କ ଭିତରେ ସୃଷ୍ଟି ହୋଇଛି ଆତଙ୍କବାଦୀ, ଧର୍ମାନ୍ତରୀକରଣକୁ ନେଇ ହିନ୍ଦୁ ଓ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଦେଖା ଦେଇଛି ହିଂସା ଓ ବିଦ୍ୱେଷ । ଏଭଳି ଏକ ବାତାବରଣରେ ଗାନ୍ଧିଙ୍କର ଅହିଂସା କେତେଦୂର ସାହାଯ୍ୟକାରୀ ହେବ, ତାହାହିଁ ଏ ସେମିନାରର ଆଲୋଚ୍ୟ ବସ୍ତୁ ।

ହୁଏତ ବାସ୍ତବଧର୍ମୀ କେତେକ ଶିକ୍ଷାବିତ୍ ବା ରାଜନୈତିକ ନେତା ଗାନ୍ଧିବାଦକୁ ବର୍ଜନ କରି "କଣ୍ଟକେ ନୈବ କଣ୍ଟକମ୍" ଉପରେ ଗୁରୁତ୍ୱ ଦେଇପାରନ୍ତି । କିନ୍ତୁ ସନ୍ଦିପ ସେଭଳି ଏକ ମତକୁ ଆଦୌ ଗ୍ରହଣ କରିପାରୁ ନାହିଁ । ତା'ମନରେ କେବଳ ଗୋଟିଏ ଧାରଣା ବଳବତ୍ତର ହୋଇ ରହିଛି- ଏତେବଡ଼ ଫିରିଙ୍ଗି ସାମ୍ରାଜ୍ୟକୁ ଏ ଦେଶରୁ ମୂଳୋତ୍ପାଟନ କରିପାରିଥିବା ଗାନ୍ଧିଙ୍କର ଅହିଂସାନୀତି ଭାରତର ଆଭ୍ୟନ୍ତରୀଣ ସମସ୍ୟାଗୁଡିକୁ କ'ଣ ସମାଧାନ କରିପାରିବ ନାହିଁ । ଆତଙ୍କବାଦ ବିରୁଦ୍ଧରେ ଗାନ୍ଧିବାଦ ହିଁ ଏକମାତ୍ର ପ୍ରକୃଷ୍ଟ ଅସ୍ତ୍ର । କୌଣସି ସମୟରେ ପରିସ୍ଥିତି ଯାହାହେଉନା କାହିଁକି ହିଂସାର ଆଶ୍ରୟ ନେବା ଆଦୌ ସ୍ପୃହଣୀୟ ନୁହେଁ ।

ଆଲେଖ୍ୟଟିକୁ ପାଠକଲାବେଳେ ସେ ଉଦାହରଣ ଦେଇ ଚେଷ୍ଟା କରିବ, ସେ ବୁଝିଥିବା ବିଷୟଟି ସମସ୍ତଙ୍କୁ ପ୍ରାଞ୍ଜଳଭାବରେ ବୁଝାଇବା ପାଇଁ । ଏ ଚିନ୍ତାଟି ମନ ଭିତରକୁ ଆସିବା ମାତ୍ରେ ନିଜ ଭିତରେ ଉତ୍ତାପ ଅନୁଭବ କଲା ସନ୍ଦିପ୍ ।

"ଚେନାଟିକେ ଖାଇବ ? ଭାରତୀ ପ୍ରଶ୍ନ କଲା,

"ନା"

"ନହେଲେ କର୍ନଭିଟା ଟିକେ ଗୋଳେଇ ଦେଉଛି ।"

"ନାଇଁ, କିଛି ଦରକାର ନାହିଁ ।"

"ହେଇ ସମୋସା ସମୋସା ବୋଲି ଡାକୁଥିବା ସିଙ୍ଗଡ଼ା ବିକିଲା ବାଲାଟି ଆସିଗଲାଣି । ଗରମ ଜଣାପଡୁଛି । ଏଥିରୁ କିଛି ଖାଉନ ।"

"ନାଇଁ କହି ପରା, ମୋତେ ଜମା ଭୋକ ଲାଗୁନି । ତୁମେ ଦି' ଜଣ ଖାଇବ ଯଦି ଖାଅ ।"

ବିରକ୍ତ ହେଲା ଭାରତୀ, "ତମେ ଏମିତି କିଛି ନଖାଇ ନଖାଇ ରୋଗା ପତଳା ହୋଇଯାଇଛ । ଆଉ ସେଇଥିପାଇଁ ...." ଆଗକୁ ଆଉ କହିଲା ନାହିଁ ଭାରତୀ, ସନ୍ଦିପକୁ ଆଘାତ ଲାଗିପାରେ ଭାବି ।

"ମୁ ତ ପିଲାଦିନୁ ଏମିତି ପତଳା । ତେବେ, ମୋଟା ହେବାଟା କ'ଣ ଏତେବଡ଼ ଆବଶ୍ୟକତା । ଶାରୀରିକ ଶକ୍ତି ତ ପାଶବିକ ଶକ୍ତି । ଅସଲ ଶକ୍ତି ମନର, ଆତ୍ମାର ।"

ଗାନ୍ଧିବାଦ ଉପରେ ଆଲେଖ୍ୟ ପ୍ରସ୍ତୁତ କରିବା ସମୟରେ ଚେତନା ଏବେବି ତା'କୁ ଉଦ୍‌ବୁଦ୍ଧ କରୁଥିବାର ଅନୁଭବ କଲା ସନ୍ଦିପ୍ ।

ତା'ର ପତଳା ଶରୀର ଉପରେ ଟୀକା ଟିପ୍ପଣୀ ଅତି ଛୋଟବେଳୁ ଶୁଣି ଆସିଛି ସନ୍ଦିପ । ସ୍କୁଲରେ ପଢ଼ିବାବେଳେ ତା'ର ସାଙ୍ଗମାନେ ତାକୁ ଥଟ୍ଟା କରୁଥିଲେ ତା'ର ନଳନଳ ପତଳା ଶରୀରକୁ ଦେଖି । ଜଣେ ଜଣେ ଥଟ୍ଟାରେ କହୁଥିଲେ "ପବାକୁ ଯା'ନାରେ ପବନ ହେଲେ ଉଡିଯିବୁ ।" ସବୁ ଥଟ୍ଟାକୁ ନିର୍ବିକାର ଭାବରେ ହଜମ

ଛରିଯାଇଥିଲା ସନ୍ଦିପ। ଆଉ ସେ ସବୁକୁ ହଜମ କରିକରି ଗାନ୍ଧିବାଦୀ ପାଲଟି ଯାଉଥିଲା ସତେଯେପରି।

କଲେଜରେ ପାଦଦେବା ପରେପରେ ତା'ର ପ୍ରତିଭା ଖୁବ୍ ଚଞ୍ଚଳ ବିକସିତ ହୋଇଥିଲା। ଅଗ୍ନିବର୍ଷୀ ଭାଷଣ ସେ ଦେଇପାରୁଥିଲା ଅନର୍ଗଳ ଭାବରେ। କୌଣସି ବିଷୟବସ୍ତୁ ଉପରେ ମୌଳିକ ବିଚାର ଉପସ୍ଥାପିତ କରି ନିବନ୍ଧଟିଏ ଲେଖିବାରେ ସେ ଥିଲା ଧୂରୀଣ। ତା'ର ଏଇ କୃଷ୍ଣପ୍ରାୟ ଶରୀର ଏମିତି ଏକ ଧୀଶକ୍ତି ଧାରଣ କରି ରଖିପାରିଛି, ତା'କୁ ଦେଖି ସାଂଗମାନେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ।

ଟାଟା ଷ୍ଟେସନ ପହଞ୍ଚିଲାବେଳକୁ ଭୋର ହୋଇଯାଇଥିଲା।

ପ୍ରଥମ ଶ୍ରେଣୀ ଯାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ନାନାଗାରରେ ସ୍ନାନାଦି କାର୍ଯ୍ୟ ସମାପ୍ତ କରି ଷ୍ଟେସନ୍‌ର ଗୋଟିଏ ସିମେଣ୍ଟ ବେଞ୍ଚ ଉପରେ ଭାରତୀ ଓ ଝିଅକୁ ବସେଇଦେଇ ସନ୍ଦିପ୍ ଗଲା ଫେରିବାବେଳର ରିଜର୍ଭେସନ ଟିକେଟ କାଟିବାକୁ। ଏସବୁ କାମ ଷ୍ଟେସନ୍‌ରେ ହିଁ ଆଗ ସାରିଦେବାକୁ ହେବ। ନଚେତ୍ ଫେରିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ତେବେ, ଯିବାବେଳେ ଭାରତୀକୁ କହିଦେଇଗଲା କିଛି ଜଳଖିଆ ଓ ତା' ପିଇ ଝିଅକୁ ମଧ କିଛି ଜଳଖିଆ ଖୁଆଇଦେବା ପାଇଁ।

ରିଜର୍ଭେସନ କାଉଣ୍ଟର ଖୋଲିନି ଏ ଯାଏଁ, ଅଥଚ ଯାତ୍ରୀଙ୍କର ଧାଡ଼ିଟିଏ ପ୍ରଲମ୍ବିତ ହୋଇଯାଇଛି ଏମୁଣ୍ଡରୁ ସେମୁଣ୍ଡ ଯାଏ। ହତାଶ ଲାଗିଲା ସନ୍ଦିପକୁ। ଏଇ ଭିଡ଼କୁ ସବୁଠୁ ବେଶି ଘୃଣା କରେ ସନ୍ଦିପ। ଆଉ ତା' ପାଇଁ ଅପେକ୍ଷାଠାରୁ ବଳି ବୋରିଂ ଜିନିଷ କିଛି ନାହିଁ। ତଥାପି ତା'କୁ ଅପେକ୍ଷା କରିବାକୁ ପଡ଼ିବ। ଟିକଟ କାଟିସାରିବା ପରେ ହିଁ ସେ ଟ୍ୟାକ୍‌ସି କରି ଯିବ ଗନ୍ତବ୍ୟ ସ୍ଥାନକୁ।

ଧାଡ଼ିର ସବା ଶେଷରେ ଠିଆ ହେଲା ସନ୍ଦିପ। ପାଖାପାଖି ଅଧଘଣ୍ଟାଏ ସ୍ଥିର ହୋଇ ରହିବା ପରେ ଅଜଗର ପରି ପଡ଼ିରହିଥିବା ଧାଡ଼ିଟିର ସ୍ପନ୍ଦନ ସୃଷ୍ଟି ହେଲା। ଝର୍କା ଖୋଲିଲା ବୋଧେ। ସାମାନ୍ୟ ଆଗକୁ ଘୁଞ୍ଚିଗଲା ଧାଡ଼ିଟି। ହଁ ତ, ଦୂରରୁ ଦେଖିପାରିଲା ସନ୍ଦିପ ଧାଡ଼ି ଭାଙ୍ଗି ଜଣେ ବ୍ୟକ୍ତି ଚାଲିଆସିଲା। ହାତରେ ତା'ର ଟିକେଟ୍‌ଟିଏ। ସାମାନ୍ୟ ଆଶ୍ୱସ୍ତ ହେଲା।

ସନ୍ଦିପର ମନ ପୁଣି ଚାଲିଗଲା ସେଇ ଲେଖାଗି ଉପରକୁ। ଏଥରର ସେମିନାରରେ ସେ ଯୁକ୍ତି କରିବ ଶତପ୍ରତିଶତ ଅହିଂସା ପାଇଁ। ଅହିଂସା ତ ଅହିଂସା ସେଥିରେ ପୁଣି ସାଲିସ୍ କ'ଣ ? ଆସୁ ଯେତେ ବାଧା, ଆସୁ ଯେତେ ବିପତ୍ତି ଅହିଂସା ହିଁ ଏକମାତ୍ର ମାର୍ଗ ହେବା ଉଚିତ୍ ଗାନ୍ଧିବାଦ ଯାକୁ ହିଁ କୁହାଯିବ।

ଅଧାଅଧି ହେଇଗଲାଣି ଯାତ୍ରୀମାନଙ୍କର ଧାଡ଼ିଟି। ହଠାତ୍ ଆଗରେ ଠେଲାପେଲା ହେଲା ଏବଂ ସନ୍ଦିପ ଠେଲା ଖାଇ ଘୁଞ୍ଚିଗଲା ସାମାନ୍ୟ ପଛକୁ। କ'ଣ ହେଲା ଭାବି ଆଗକୁ ଅନେଇଲା ସନ୍ଦିପ। ଧାଡ଼ିର ସବା ଆଗରେ ବହୁସମୟ ଧରି ପ୍ରତୀକ୍ଷମାଣ ହୋଇ ରହିଥିବା ଯାତ୍ରୀଟିକୁ ଧକ୍କା ଦେଇ ଜଣେ ଯୁବକ ବାମ ପାଖରୁ ତା' ସ୍ଥାନଟିକୁ ଅକ୍ତିଆର କରିବା ପାଇଁ ଚେଷ୍ଟା କରିଛି ଏବଂ ତା'ର ଓ ଯାତ୍ରୀ ଜଣକ ଭିତରେ ସାମାନ୍ୟ ଧସ୍ତାଧସ୍ତି ହୋଇଯାଇଛି। ଯୁବକଟି ହୃଷ୍ଟପୁଷ୍ଟ। ବଳିଷ୍ଠ ମାଂସପେଶୀର ଅଧିକାରୀ। ଦାଦା ଶ୍ରେଣୀୟ।

ଏଥର ହିନ୍ଦିଭାଷାରେ ଧମକେଇଲା ଯୁବକଟି ସେଇ ସମା ଆଗରେ ଟିକେଟ କାଟିବା ପାଇଁ ଛିଡ଼ା ହୋଇଥିବା ଯାତ୍ରୀଟିକୁ। ତା'ର ବଳିଷ୍ଠ ବପୁ, ରୁକ୍ଷ ଚେହେରା ଆଉ ଦାଦାଗିରି ଦେଖି ଶଙ୍କିଗଲା ଯାତ୍ରୀଟି। ତେବେ, ତା'ପଛକୁ ଥିବା ଆଉ ଦୁଇ ତିନିଜଣ ଯାତ୍ରୀଙ୍କର ଭରସା ପାଇ ସେ ବି ଜବାବ୍ ଦେଲା ହିନ୍ଦିରେ - ସେ ମୂଳରୁ ଧାଡ଼ିରେ ଠିଆ ହୋଇଛି। ଅନ୍ୟ ଭାଇମାନେ ଘଣ୍ଟାକରୁ ଉର୍ଦ୍ଧ୍ୱ ସେଠାରେ ଅପେକ୍ଷା କରି ରହିଛନ୍ତି, ଅଥଚ ସେ ଆସି ଧାଡ଼ି ଭାଙ୍ଗି ଧସେଇ ପଶିଯିବ ଏବଂ ଆଗ ଟିକେଟ୍ ନେଇ ଚାଲିଯିବ ! ଏଇଟା କ'ଣ ନ୍ୟାୟ।

ଦାଦାଟି ବୁଝେଇଦେଲା ହିନ୍ଦିରେ - "ନ୍ୟାୟ ଫ୍ୟାୟ କିଛି ସେ ଜାଣେନି। ସେ ଏମିତି ସବୁବେଳେ ଟିକେଟ ନିଏ। ସେ ଆସିଲାମାନେ ଟିକେଟ୍ ନେଇ ଯିବ। ଯିଏ ବାଧା ଦେବ, ତା ଅବସ୍ଥା ସାଂଘାତିକ କରିଦେବ ସେ ।

ସନ୍ଦିପ ଭିତରେ ବିପ୍ଳବଟା ମୁଣ୍ଡ ଟେକିଲା। ନିଜ

ସ୍ଥାନଟି ସମ୍ବନ୍ଧରେ ତା'ର ଆଗ ଆଉ ପଛରେ ଥିବା ଯାତ୍ରୀ ଦୁଇଜଣଙ୍କୁ ସଚେତନ କରେଇ ସନ୍ଦିପ ମାଡ଼ିଗଲା ଝର୍କାପାଖକୁ। ଦାଦା ଶ୍ରେଣୀୟ ଯୁବକଟିକୁ ବୁଝେଇଲା ହିନ୍ଦିରେ - " ଭାଇ, ଟିକେଟ୍ ସମସ୍ତଙ୍କୁ ନେବାର ଅଛି। ତେବେ, ଯିଏ ଆଗ ଆସିଛି ଆଗ ନେଉ ଏବଂ ଯିଏ ପରେ ଆସିଛି ପରେ ନେଉ। ଏଇଟା ହିଁ ତ ଗଣତନ୍ତ୍ର। ଆଉ ସିଏ ଏମିତି ଜୋର୍ କରି ନେବାଟା କ'ଣ ଉଚିତ୍ ହେବ ?

ନାଲି ଆଖିରେ ଚାହିଁଲା ସନ୍ଦିପକୁ ଦାଦା ଜଣକ। ତା'ର ପତଳା ଶରୀର ଦେଖି ସାମାନ୍ୟ ଆଶ୍ଚର୍ଯ୍ୟ ବି ହେଲା, କିନ୍ତୁ ସେମିତି ଚଢ଼ାସ୍ୱରରେ କହିଲା ସେ ଭଲ ମନ୍ଦ କିଛି ଜାଣେ ନାହିଁ। ସେ ଅଗ ଟିକେଟ ନେବ ହିଁ ନେବ, ତା' ପରେ ପୁଣି ଆହ୍ୱାନ ଦେବା ଭଙ୍ଗୀରେ କହିଲା, "କିଏ ଅଛ ତମ ଭିତରୁ ମୋତେ ଅଟକାଇ ଦେବ। ଦେଖିବା ଆସିକ, କେମିତି ଅଟକେଇବ।"

ତା'ପରେ ସନ୍ଦିପ ଆଡ଼କୁ ଉହୁଙ୍କି ଆସିଲା, ସେ ଏବଂ ତା' କାନ୍ଧରେ ଧକ୍କା ମାରି ମାରି କହିଲା, "ତୁ ଅଟକେଇବୁ, ଆବେ ଶଳା, ଅଯକେଇବୁ ତୁ ?"

ଏଇଟା ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା ସନ୍ଦିପ ପାଇଁ। ହଠାତ୍ କ'ଣ କରିବ ସେ କିଛି ବୁଝିପାରିଲା ନାହିଁ। ତା'କୁ ସେମିତି ପଛକୁ ବିପାଦ ଠେଲି ଦେଇ ଦାଦା ଜଣକ ମାଡ଼ିଗଲା ଝର୍କା ଆଡ଼କୁ। ଏଥର ବାଯ ଛାଡ଼ିଦେଲା ପ୍ରଥମ ଯାତ୍ରୀଟି। ପୂରାପୂରି ଡରି ଯାଇଥିଲା ସେ।

ସନ୍ଦିପ ଆଖି ବୁଲେଇ ନେଲା ଧାଡ଼ିଟି ଉପରେ। ପାଖାପାଖି ଦେଢ଼ଶହ ଲୋକ ଛିଡା ହୋଇଛନ୍ତି ଧାଡ଼ିରେ। ଅଥଚ ଜଣେ ବ୍ୟକ୍ତି ସମସ୍ତଙ୍କୁ ଅବଜ୍ଞା କରି ଅନ୍ୟାୟଟିଏ କରୁଛି। କେହି ପ୍ରତିବାଦ କରୁନାହାନ୍ତି। ତା'କୁ ଦୁଇ ଧକ୍କା ପକେଇ ଦେଇ ଗଲା ସେ। କେହି ପଦେବି କିଛି କହିଲେ ନାହିଁ ତାକୁ, ବାଧା ଦେବା ତ ଦୂରର କଥା। କାହିଁକି କହିବେ, ସେ ନିଜେ ତ କିଛି କହିଲା ନାହିଁ, କରିପାରିଲା ନାହିଁ। ନିଜକୁ ନିଜେ ପଚାରିଲା ସନ୍ଦିପ ସେଇଠି ଛିଡ଼ା ହୋଇ - କାହିଁକି ସେ କିଛି କହିପାରିଲା ନାହିଁ? ପ୍ରତିବାଦ କରିପାରିଲା ନାହିଁ ଦୁଇ ଧକ୍କା ଖାଇବା ପରେ ବି ? ମାନେ ସେ ଭୀରୁ। ଭୟ ପାଇଯାଇଛି। ତା'ର କାପୁରୁଷତା ଯୋଗୁଁ ସେ ପ୍ରତିବା କରିପାରିଲା ନାହିଁ। ଛିଃ, ଏଭଳି ଗୋଟିଏ ଜୀବନ ଜୀଇଁବା ଅପେକ୍ଷା ମରିଯିବା ଭଲ। ଭୀରୁଟିଏହୋଇ ବଂଚିବା ଅପେକ୍ଷା ........

ହଠାତ୍ ଧାଇଁଗଲା ସନ୍ଦିପ ଝର୍କାପାଖକୁ ଏବଂ ଦାଦାଟିର ସାର୍ଟ କଲାର ଧରି ଭିଡ଼ିଦେଲା। ଏଭଳି କାର୍ଯ୍ୟ ପାଇଁ ଆଦୌ ପ୍ରସ୍ତୁତ ନଥିବା ଦାଦାଟି ପଛକୁ ଛାଟି ହୋଇଗଲା। ସେ ଉଠି କିଛି କହିବା ପୂର୍ବରୁ ହିନ୍ଦି ଓ ଇଂରାଜୀରେ ଗୁଡ଼ାଏ ଗାଲିଦେଇ ସନ୍ଦିପ ସମସ୍ତ ଶକ୍ତି ଖଟାଇ ମୁଥଟିଏ ବସେଇ ଦେଲା ସେଇ ଦାଦାଟିର ନାକ ଉପରେ। ସନ୍ଦିପର ହାତର ବା ଜୋର୍ କେତେ ? ସେ ମୁଥଟିକୁ ସମ୍ଭାଳି ଉଠିପଡ଼ିଲା ଦାଦା ଏବଂ -

ନା, ସେ ସନ୍ଦିପକୁ କିଛି କହିବା ପୂର୍ବରୁ ଭିଡ଼ଭାଙ୍ଗି ଯାତ୍ରୀମାନେ ଘେରିଗଲେ ତା'କୁ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ବୋଧେ ଥିଲା ଏବଂ ସନ୍ଦିପ ଭଳି ରୁଗ୍ଣପ୍ରାୟ ବ୍ୟକ୍ତିଟି ତା'ର ଉତ୍ତର ଯୋଗେଇ ଦେଲା ସେମାନଙ୍କୁ। ସେମାନଙ୍କର ସମ୍ମିଳିତ ବିଧା, ଚାପୁଡ଼ା, ଗୋଇଠା ଓ ଟଣାଓଟରା ଖୁବ୍ ଭାରି ହୋଇଗଲା ଦାଦାଟି ପାଇଁ। ତା'ର କାମିଜ ଚିରିଗଲା ଏବଂ ଜିନ୍‌ପ୍ୟାଣ୍ଟରେ କଣା ହୋଇଗଲା ଦୁଇତିନି ଜାଗାରେ। ମିଳିତ ଶକ୍ତିର ପରାକ୍ରମ ଆକଳନ କରି ତା'ର ଦୁଇ ଚପଲକୁ ହାତରେ ଧରି ଖୁବ୍ ଜୋର୍‌ରେ ଦୌଡ଼ି ସେଠାରୁ ପଳାଇଗଲା ଦାଦା ଜଣକ।

ବିବ୍ରତ ହୋଇଯାଇଥିବା ସନ୍ଦିପର ଚେହେରାକୁ ଦେଖି ଭାରତୀ ପଚାରିଲା "କ'ଣ ହଲା ? ରିଜର୍ଭେସନ ହେଲାନି ?"

"ହେଇଯାଇଛି, ତେବେ ଚାଲ ଆମେ ଶୀଘ୍ର ହୋଟେଲକୁ ଯିବା। ମୋ ଲେଖାରେ କିଛି ପରିବର୍ତ୍ତନ ହେବ। ସେଥିପାଇଁ ସମୟ ଦରକାର।"

ଭାଷାକୋଷଲେନ

ନିମିଚଉଡ଼ି, କଟକ - ୭୫୩୦୦୨

■ ■ ■

# ତଥାପି ଅପେକ୍ଷା କରାଯାଉ

ଡକ୍ଟର ବିଜୟାନନ୍ଦ ସିଂହ

ଶୀତଦିନର ସକାଳଟା ଅତ୍ୟନ୍ତ ବିବର୍ଣ୍ଣ ଦେଖାଯାଉଥିଲା । ଚାରିଆଡ଼ କୁହୁଡ଼ିରେ ପରିପୂର୍ଣ୍ଣ । ଟିକେ ବି ଖରା ଦେଖାଯାଉ ନାହିଁ । ପଙ୍କଜ ଉପର ମହଲାରୁ ତଳ ଡ୍ରଇଁରୁମ୍‌କୁ ଆସିଲେ । କବାଟଟା ଖୋଲିଦେଲେ । ଶୀତଦିନିଆ ଥଣ୍ଡା ପବନ ଦଲକାକୁ ଦଲକା ମାଡ଼ିଆସୁଛି ଘର ଭିତରକୁ । ପଙ୍କଜ ପୁଣି କବାଟ ଆଉଜାଇ ଦେଲେ । ଏତେବେଳଯାଏ ଖବରକାଗଜ ଆସି ନାହିଁ । ସେ ସକାଳୁ ସକାଳୁ ଚା' ପିଉ ପିଉ ଖବରକାଗଜ ପଢ଼ା ସାରିଦିଅନ୍ତି । ଏଇ ଦୁଇ ତିନିଦିନ ହେବ ଜୀବନଟା ତାଙ୍କର କେମିତି ଅସଜଡ଼ା ହୋଇଯାଇଛି । ଅଫିସ ନ ଯାଇ ଛୁଟିରେ ଅଛନ୍ତି । କେମିତି ସେ ଅଫିସ୍ ଯିବେ । ଅଫିସ୍‌ରେ ପହଞ୍ଚିଲାମାତ୍ରେ ଯେଉଁସବୁ ଘଟଣା ଘଟିଯିବ, ତାକୁ ସେ ସାମନା କରିପାରିବେ ତ ? ପ୍ରଥମେ ଅର୍ଡ଼ର୍ଲି ପିଅନ ନମସ୍କାର କରି ଅଫିସ୍ ଚ୍ୟାମ୍ବରର କବାଟ ଖୋଲି ଠିଆହେବ ପରବର୍ତ୍ତୀ ନିର୍ଦ୍ଦେଶ ଅପେକ୍ଷାରେ । ତା' ଆଖିବରେ ବହୁ ପ୍ରଶ୍ନବାଚୀ ଖୁନ୍ଦି ହୋଇ ରହିଥିଲେ ବି ସେ କ'ଣ ସାହସ କରି ପଚାରିବ ତାଙ୍କର କ'ଣ ହୋଇଛି ବୋଲି ? ପ୍ରାଇଭେଟ୍ ସେକ୍ରେଟେରୀ, ଷ୍ଟେନୋ, ଆଖିରେ ଆଖିଏ ଲେଖାଏଁ ପ୍ରଶ୍ନ ଧରି ନିର୍ବାକ୍ ଭଳି ଅନାଇ ରହିଥିବେ ତାଙ୍କ ମୁହଁକୁ । ଆଉ... ଅଫିସ୍‌ର ଅନ୍ୟାନ୍ୟ କର୍ମଚାରୀ ତାଙ୍କ ବିଷୟରେ କେତେ କ'ଣ ଆଲୋଚନା କରୁଥିବେ । କଥାବାର୍ତ୍ତା ହେଉଥିବେ - ଏତେ ବଡ଼ ଅଫିସର୍... ଏତେ କର୍ମନିଷ୍ଠ ... ଉଚିତ କଥାରେ କାହାକୁ ତ ଛାଡ଼ନ୍ତି ନାହିଁ ... ଅଫିସ୍‌କୁ ଶୃଙ୍ଖଳିତ କରିବା ପାଇଁ ଯେତେ ସବୁ କଠୋରତା ଅବଲମ୍ବନ କରନ୍ତି .... ଅଥଚ ତାଙ୍କର ଛୋଟିଆ ପରିବାରକୁ ଶୃଙ୍ଖଳିତ କରିପାରିଲେ ନାହିଁ !

ଏଇ କେଇଦିନ ତଳେ ସସ୍‌ପେଣ୍ଡ୍ ହୋଇଥିବ ରାତି ଜଗୁଆଳି ନରହରି କିନ୍ତୁ ଗଦ୍‌ଗଦ ଆନନ୍ଦରେ କହୁଥିବ - ବେଟାକୁ ଠିକ୍ ହୋଇଛି । ସଢୋଟପଣିଆ ଦେଖାଉଥିଲା, ମୋତେ ସସ୍‌ପେଣ୍ଡ୍ କରିଥିଲା, ତା'ର ଫଳ ଏବେ ଭୋଗୁଛି । ମୋର କ'ଣ ବା ଦୋଷ ଥିଲା ? ଚାକିରି କଲାଦିନୁ କେବେ ତ ମୁଁ ଠିକ୍ ସମୟରେ ଆସିପାରେ ନାହିଁ । ଘଣ୍ଟେ ଦି' ଘଣ୍ଟା ଡେରି ହୋଇଯାଏ । ଏଇଟା କ'ଣ ଗୋଟେ ଭୁଲ୍ ନା ଏ ଡେରି ଆଜିକାଲିର ? ଆବହମାନ କାଳରୁ ଚାକିରି କଲାଦିନୁ ଏମିତି ଡେରିରେ ଆସୁଛି । ଯା'ପରି କେତେ ଅଫିସର ଆଇଲେଣି - ଗଲେଣି । କାହିଁ ସେମାନେ ତ ସସ୍‌ପେଣ୍ଡ କରିନଥିଲେ ? କେହି କେବେ ଅଭିଯୋଗ କଲେ ସେମାନେ ପାଖକୁ ଡାକି କେବଳ ବିରକ୍ତ ହୁଅନ୍ତି ବା ତାଗିଦା କରିଦିଅନ୍ତି । ୟେ କ'ଣ କଲା ନା କୁହା ନାହିଁ ବୋଲା ନାହିଁ ଏକାଥରକେ ସସ୍‌ପେଣ୍ଡ୍ ! ଶଳା ଯେମିତି କରିଛି, ସେମିତି ଫଳ ପାଉଛି ।

ଅଫିସ୍ ଟେବୁଲ ଉପରେ ଫାଇଲସବୁ ଗଦା ହୋଇଯିବଣି । ବିଚରା ଯେଉଁମାନେ ଫାଇଲ ଉପରେ ନିର୍ଭର କରି ଭବିଷ୍ୟତକୁ ଦେଖୁଥିବେ, ସେମାନେ କେତେ ବ୍ୟସ୍ତ ହେଉଥିବେ ! ଷ୍ଟେନୋ ଗୁରୁଚରଣ ଫୋନ୍ କରି କହୁଥିଲେ- କ୍ୟାସିୟରବାବୁ ବ୍ୟସ୍ତ ହେଉଛନ୍ତି - କେତେ ଜଣଙ୍କର ଚେକ୍ ଦସ୍ତଖତ ହୋଇନି ବୋଲି ସେମାନେ ଟଙ୍କା ପାଇପାରୁ ନାହାନ୍ତି । ପଚାରୁଥିଲେ, ସାର କେବେ ଆସିବେ ।

ପଙ୍କଜ ବଡ଼ ବ୍ୟସ୍ତ ହୋଇପଡୁଥିଲେ । ଏତେଦିନ ଧରି ଆଦର୍ଶ, ନିଷ୍ଠା ଓ ଦକ୍ଷତାକୁ ନେଇ ବଞ୍ଚୁଥିବା ଶିଷ ସେ - କ'ଣ ତାଙ୍କ ଜୀବନରେ ଘଟିଗଲା

! ସେଫା ଉପରୁ ଉଠିପଡ଼ି ବାଟାଳଙ୍କ ପରି ଏପଟ ସେପଟ ହେଲେ। ଟିଭିକୁ ଅନ୍ କଲେ। ପୁରୁଣା ହିନ୍ଦୀ ଗୀତ ଚ୍ୟାନେଲ୍ ଖୋଲିଲେ। ବାଜିଉଠିଲା ମହମ୍ମଦ ରଫିଙ୍କର ବହୁଚର୍ଚ୍ଚିତ ପୁରୁଣା ଏକ ବିରହ ସଂଗୀତ। ଭାବବିହ୍ୱଳ ହୋଇଗଲେ ସେ । ଘରେ କାମ କରୁଥିବା ପିଅନଟା ଆସି ଚା' କପ୍‌ଟିକୁ ଟିପୟେ ଉପରେ ରଖିଦେଇ ଗଲାଣି। ଚା' ପିଇ ପି ବସିପଡ଼ି ଭାବିଲେ - କ'ଣ ତାଙ୍କର ଭୁଲ୍ ? କ'ଣ ପାଇଁ ଏ ଦଣ୍ଡ ?

ତିନିଦିନ ହେବ ସୁଚେତା ଘରେ ନାହିଁ। ଫୋନ୍ ବି କରୁ ନାହିଁ। ପଙ୍କଜ ଟୁର୍‌ରେ ବଲାଙ୍ଗିର ଯାଇଥିଲେ। ରେସିଡେନ୍‌ସରୁ ପିଅନ ଫୋନ୍ କରି କହିଲା - ମା' ଗତକାଲିଠାରୁ ଘରୁ ଗଲେଣି। ଫେରି ନାହାନ୍ତି। ଗଲାବେଳେ ବଡ଼ ବ୍ରିଫ୍‌କେଶ୍‌ଟା ନେଇ ଯାଇଛନ୍ତି। ଆପଣ ଟୁର୍‌କୁ ବାହାରିଗଲା ପରେ ସେ କଲେଜ ନ ଯାଇ ତାଙ୍କ ବ୍ରିଫ୍‌କେଶ୍‌ଟାକୁ ସଜାଡୁଥିଲେ। ବୋଧହୁଏ ବ୍ରିଫ୍‌କେଶ୍‌ରେ ତାଙ୍କର ଶାଢ଼ୀ, ଡ୍ରେସ୍ ସଜାଇ ରଖୁଥିଲେ। ମୁହଁସଂଜ ହେବ ଗୋଟି, ଧଳା ଇଣ୍ଡିଗୋ କାର୍ ଆସି ଘରର ମେନ୍‌ଗେଟ୍ ପାଖରେ ଠିଆହେଲା। କାରର ଡ୍ରାଇଭର ଆସି ବେଲ୍ ମାରିବାରୁ ମା' ତଳକୁ ଆସି ମୋତେ କହିଲେ – ବ୍ରିଫ୍‌କେଶ୍‌ଟା ଗାଡ଼ିରେ ଥୋଇଦେ।

ମୁଁ ତାଙ୍କ ଆଦେଶରେ ବ୍ରିଫ୍‌କେଶ୍‌ଟା ଗାଡ଼ିରେ ରଖିଦେବାମାତ୍ରେ ମା' ଡ୍ରାଇଭର ପାଖ ସିଟ୍‌ରେ ବସିପଡ଼ିଲେ। ଗାଡ଼ି ଚାଲିଗଲା। ରାତି ଦଶ ବାଜିଲା, ଏଗାର ବାଜିଲା, ବାର ବାଜିଲା – ତଥାପି ମା' ଫେରିଲେ ନାହିଁ। ବବୁଲୁବାବୁ ଦିଲ୍ଲୀରୁ ଫୋନ୍ କରି ପଚାରୁଥିଲେ – ମା'ର ମୋବାଇଲ୍ କାହିଁକି ବନ୍ଦ ଅଛି ? କ'ଣ ସେ କରୁଛନ୍ତି ? କହିଲି, ସେ ଘରେ ନାହାନ୍ତି। କୁଆଡେ ଯାଇଛନ୍ତି ଯେ ଏପର୍ଯ୍ୟନ୍ତ ଫେରି ନାହାନ୍ତି।

ପଙ୍କଜ ବଡ଼ ବ୍ୟସ୍ତ ହୋଇପଡ଼ିଲେ। ଫୋନ୍ କଲେ ସୁଚେତାକୁ। ମୋବାଇଲ୍ ସୁଇଚ୍‌ଅଫ୍। କ'ଣ କରିବେ ? ଏତିକିବେଳେ ପୁଅ ବବୁଲୁ ଫୋନ୍ କଲା। କହିଲା — ବାବା ! ମା'ଙ୍କର ଫୋନ୍ ସୁଇଚ୍ ଅଫ ଦେଖାଉଛି। କ'ଣ ହୋଇଛି ତାଙ୍କର ? ପିଅନ କହୁଥିଲା, ମା' ଘରେ ନାହାନ୍ତି ବୋଲି ? କୁଆଡେ ଯାଇଛନ୍ତି ସେ ?

ପଙ୍କଜ ଫେରିଆସିଲେ ଭୁବନେଶ୍ୱରକୁ ସକାଳୁ ସକାଳୁ ଘରେ ପହଞ୍ଚି ପିଅନ ଜଟାଧାରୀକୁ ପଚାରିଲେ– ସେ ଗାଡ଼ିରେ ଆଉ କିଏ ଥିଲେ ?

– ନାଇଁ ଆଜ୍ଞା, ଡ୍ରାଇଭର ବ୍ୟତୀତ ସେଥିରେ ଆଉ କେହି ନଥିଲେ।

– ଗାଡ଼ି ନମ୍ବର କେତେ ମନେରଖିଛୁ /

ଜଟାଧାରୀ ମୁଣ୍ଡ ହଲାଇ ମନାକଲା।

ବନ୍ଧୁ ଅବନୀଙ୍କୁ ପଙ୍କଜ ଫୋନ୍ କରି କହିଲେ – ଅବନି ! ସୁଚେତା ତିନିଦିନ ହେବ କୁଆଡ଼େ ଚାଲିଯାଇଛି। ତା'ର କିଛି ଖୋଜଖବର ନାହିଁ। ମୋବାଇଲ୍‌କୁ ସୁଇଚ୍ ଅଫ୍ କରିଦେଇଛି। ଏବେ କ'ଣ କରିବି, କିଛି ବୁଦ୍ଧି ବାଟ ଦିଶୁ ନାହିଁ।

ଅବନୀ ଉତ୍ତର ଦେଲେ – ବ୍ୟସ୍ତ ହୁଅନା ଏଇ ସଙ୍ଗେ ସଙ୍ଗେ ଯାଇ ତୁମ ଘରେ ପହଞ୍ଚୁଛି।

ପଙ୍କଜଙ୍କ ସରକାରୀ କୋଠିରେ ଅବନୀ ପହଞ୍ଚି ସବୁ ଘଟଣା ଶୁଣି କହିଲେ – କାହିଁକି ତୁମେ ଏମିତି ଭାଙ୍ଗିପଡୁଛ ? ସେ କୁଆଡ଼େ ବନ୍ଧୁବାନ୍ଧବଙ୍କ ଘରକୁ ଯାଇଥିବେ। ଚାଲିଆସିବେନି ? ଏମିତି କେତେ ଦିନ ଜଣେ ବିବାହିତା ମହିଳା ବାହାରେ ରହିପାରିବେ ? ତୁମେ ତାଙ୍କ ସାଙ୍ଗମାନଙ୍କୁ ପଚାରୁନ.... କିଛି ଖବର ମିଳିପାରେ। ହଁ....ହଁ..... କହି ଅନିରୁଦ୍ଧ ସୁଚେତାଙ୍କ ସାଙ୍ଗ ଝରଣାକୁ ଫୋନ୍ ଲଗାଇ ପଚାରିଲେ – ସୁଚେତା କ'ଣ ଆପଣଙ୍କ ଘରକୁ ଯାଇଛନ୍ତି କି ?

ରାଜନୀତି ବିଜ୍ଞାନର ଅଧ୍ୟାପିକା ଝରଣା ଷଡ଼ଙ୍ଗୀ ପଚାରିଲେ – କାହିଁ କ'ଣ ହେଲା କି ? ତିନିଦିନ ହେବ ସେ ତ କଲେଜ ଆସି ନାହାନ୍ତି। ତାଙ୍କ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ବ୍ୟସ୍ତ ହୋଇ କହୁଥିଲେ – କେମିତି ଚାଲିବ

ଏ ଡିପାର୍ଟମେଣ୍ଟ ? ଏପର୍ଯ୍ୟନ୍ତ କୋର୍ସ ଶେଷ ହେଲା ନାହିଁ। ଆଗକୁ ପରୀକ୍ଷା।

ପଙ୍କଜ ବ୍ୟସ୍ତ ହୋଇ ଫୋନ୍ କାଟିଦେଲେ କଲେଜ ପ୍ରିନ୍‌ସିପାଲ୍‌ଙ୍କୁ ଲଗାଇଲେ – ସୁଚିତ୍ରା କ'ଣ କିଛି ଛୁଟି ଦରଖାସ୍ତ ଆପଣଙ୍କୁ ଦେଇଛି କି ?

ପ୍ରିନ୍‌ସିପାଲ୍ କହିଲେ – କିଛିଦିନ ତଳେ ସୁଚେତା ମୋତେ କହୁଥିଲେ ତାଙ୍କ ଦେହ ଅନେକ ଦିନ ହେବ ଭଲ ରହୁ ନାହିଁ। ମେଡ଼ିକାଲ ଚେକ୍‌ଅପ୍ ଲାଗି ସେ ଦିଲ୍ଲୀ ଯିବାକୁ ସ୍ଥିର କରିଛନ୍ତି। ଅତି କମ୍‌ରେ ତିନିମାସ ଛୁଟି ଦରକାର। ମୁଁ କହିଲି, ସମରଭେକେସନ୍ ସମୟକୁ ଛୁଟି ନେଲେ ହୁଅନ୍ତାନି ? ଏବେ ଡିସେମ୍ବର ମାସ ଶେଷ ହେଲା। ଆଗକୁ ପରୀକ୍ଷା ଅଛି। ପରୀକ୍ଷାଟା ସରିଯାଉ, ଆପଣ ଯିବେ। ଉତ୍ତରରେ ସେ କହିଲେ – ମୋର ମେଡ଼ିକାଲ ଚେକ୍‌ଅପ୍ ପାଇଁ ଡେଟ୍ ଫିକ୍ସ ହୋଇଯାଇଛି। ତାକୁ ବଦଳାଇଲେ ଆଉ ସହଜରେ ଡେଟ୍ ମିଳିବ ନାହିଁ। ବାଧହୋଇ ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ଗୋଟିଏ ମାସର ଛୁଟି ମଞ୍ଜୁର କରିଛି।

ଅଜଣା ଆଶଙ୍କାରେ ପଙ୍କଜଙ୍କ ଦେହ ଥରିଉଠିଲା। ଫୋନ୍‌ଟା ଥୋଇଦେବା ମାତ୍ରେ ଅବନୀ ପଚାରିଲେ – ପ୍ରିନ୍‌ସିପାଲ୍ କ'ଣ କହିଲେ ?

ପଙ୍କଜ ସରକାରୀ କ୍ଷେତ୍ରରେ ଜଣେ ଦକ୍ଷ ପ୍ରଶାସକ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଏତେ ଦୁର୍ବଳ ଥିଲେ ଯେ, ପ୍ରିନ୍‌ସିପାଲ୍‌ଙ୍କ କଥା ଶୁଣିବାମାତ୍ରେ ତାଙ୍କ ଆଖିରୁ ଝରଝର ହୋଇ ଲୁହ ଝରିଯାଇଥିଲା। ଅବନୀବାବୁଙ୍କୁ ଉତ୍ତର ଦେବାପାଇଁ ଗୋଟିଏ ଶବ୍ଦ ମଧ୍ୟ ତାଙ୍କ କଣ୍ଠ ଭେଦକରି ବାହାରକୁ ଆସିପାରୁନଥିଲା।

ଅବନୀ କହିଲେ – ତୁମେ ଜଣେ କର୍ତ୍ତବ୍ୟପରାୟଣ ଅଫିସର ଭାବେ ରାଜ୍ୟରେ ନାଁ କମାଇଛ। ଜୀବନର ସବୁତକ ସମୟ ଅଫିସ୍ ପାଇଁ ଦେଇଛ। ଶୃଙ୍ଖଳା, କର୍ମନିଷ୍ଠା ତୁମ ଜୀବନର ବ୍ରତ। ଅଥଚ ଏହି ସାମାନ୍ୟ ପାରିବାରିକ ସମସ୍ୟାରେ ଏମିତି ଭାଙ୍ଗିପଡ଼ୁଛ ? ହଉ ହେଲା, ଏବେ ମନକୁ ଥଣ୍ଡା କରି ବିଶ୍ରାମ ନିଅ। ମୁଁ ଯାଉଛି, ପୁଣି ସନ୍ଧ୍ୟା ପରେ ଆସିବି।

ପଙ୍କଜ ବେଡ୍‌ରୁମ୍‌କୁ ଯାଇ ଦେଖିଲେ, ସୁଚେତା ତା'ର ସବୁ ଡ୍ରେସ୍, ଶାଢ଼ୀ, ଏପରିକି ଚପଲ କେଇ ହଳ ବି ସାଙ୍ଗରେ ନେଇଯାଇଛି। ଲୁହା ଆଲମିରାଟା ବନ୍ଦ ଥିଲା। ଚାବି ଖୋଜିଲେ, ପାଇଲେ ନାହିଁ। ପିଅନକୁ କହିଲେ ଆଲମିରାର ଚାବି ଭାଙ୍ଗିଦେବା ପାଇଁ। ଜଟାଧାରୀ ବହୁ ସମୟ ଆଲମିରା ସହିତ ଲାଗି ତାକୁ ଖୋଲିଦେଲା। ଲକରଟା ଖାଲି। ସବୁତକ ସୁନାଗହଣା ନେଇ ଚାଲିଯାଇଛି ସୁଚେତା। ପଙ୍କଜଙ୍କ ମୁଣ୍ଡ ଭିତରଟା ଘାଇଁ ଘାଇଁ ହୋଇ ଘୁରିବାକୁ ଲାଗିଲା। ଦେହହାତରୁ ଗମଗମ ହୋଇ ଝାଳ ବୋହିଯାଉଥିଲା। ଥରି ଥରି ସେ ବେଡ୍ ଉପରେ ଶୋଇଗଲେ।

ପଙ୍କଜ ସିନା ବେଡ୍ ଉପରେ ଶୋଇଗଲେ, ହେଲେ ତାଙ୍କୁ କ'ଣ ନିଦ ହେଲା ! ଟିଭି ପରଦାର ଚିତ୍ର ପରି ଗୋଟିଏ ପରେ ଗୋଟିଏ ଦୃଶ୍ୟ ତାଙ୍କ ଆଖି ସାମନାରେ ଭାସିଉଠିଲା।

ଦ୍ୱାବିଂଶତମ ବିବାହ ବାର୍ଷିକୀ ସେ ଏଇ କେତେଦିନ ତଳେ ପାଳନ କରିସାରିଛନ୍ତି। ମନେପଡ଼ିଯାଉଛି ସୁଚେତାଙ୍କ ସହିତ ତାଙ୍କର ବିବାହ ବେଳର କଥା। ସୁଚେତା ସେତେବେଳେ ଗୃହବିଜ୍ଞାନରେ ଏମ୍.ଏ. ପାସ୍ କରିସାରିଥିଲେ।

ପଙ୍କଜଙ୍କ ବିବାହ ପାଇଁ କେତେଆଡୁ କେତେ ପ୍ରସ୍ତାବ ଆସୁଥିଲା। ବଡ଼ଭାଉଜ ଓ ସାଙ୍ଗସାଥିମାନେ ତାଙ୍କୁ ବହୁ ଝିଅଙ୍କ ଫଟୋ ଦେଖାଇ ବିବାହ ପାଇଁ ପ୍ରବର୍ତ୍ତାଉଥିଲେ। କିନ୍ତୁ କେଉଁଥିରେ ସେ ସମ୍ମତ ହେଉନଥିଲେ।

ପଙ୍କଜଙ୍କ ସହପାଠୀ ସୌଭାଗ୍ୟ। ସେ ଭାରତୀୟ 'ବିଦେଶ ସେବା ବିଭାଗ'ର ଉଚ୍ଚପଦସ୍ଥ କର୍ମଚାରୀ। ତାଙ୍କର ଏକମାତ୍ର ଭଉଣୀ ସୁଚେତା। ସୌଭାଗ୍ୟଙ୍କ ସହ ତାଙ୍କ ଘରକୁ ସେ କେତେଥର ଯାଇଛନ୍ତି। କଲେଜ ପାଖରେ ସୌଭାଗ୍ୟ ବାପାଙ୍କର କ୍ୱାର୍ଟର ଥିଲା। ପଙ୍କଜ ମେଧାବୀ ଛାତ୍ର ଥିବାରୁ

ସୌଭାଗ୍ୟଙ୍କ ଘରେ ତାଙ୍କୁ ଯଥେଷ୍ଟ ଆଦର ମିଳୁଥିଲା। ସୁଚେତା ସେତେବେଳେ ମାଟ୍ରିକ୍ ଶେଷ ବର୍ଷର ଛାତ୍ରୀ। ତା'ର ହସ, ଚାହାଣି, ବ୍ୟବହାର ପଙ୍କଜଙ୍କୁ ମୁଗ୍‌ଧ କରିଥିଲା।

ସୌଭାଗ୍ୟ ଓ ପଙ୍କଜଙ୍କର ଆଉ ଜଣେ ସାଙ୍ଗ – ଅବନୀ। ଅବନୀ ଦିନେ କଥାପ୍ରସଙ୍ଗରେ ପଙ୍କଜଙ୍କୁ କହିଲେ – ତୋ ପାଇଁ ଗୋଟିଏ ଭଲ ପ୍ରସ୍ତାବ ମୋ ପାଖରେ ଅଛି। ତୁ ଶୁଣିଲେ ନିଶ୍ଚୟ ରାଜି ହୋଇଯିବୁ। ଆଉ କେତେଦିନ ଏମିତି ବାଡୁଅ ହୋଇ ବୁଲୁଥିବୁ ? ତୁ ତ ଜାଣୁ, ସୌଭାଗ୍ୟର ଭଉଣୀ ସୁଚେତାକୁ। ସେ ହୋମ୍ ସାଇନ୍ସରେ ପିଜି କରିଛି। ଫାଷ୍ଟ୍‌କ୍ଲାସ ବି ପାଇଛି। ତୋ ସହ ତା'ର ବିଭାଘର ହୋଇଗଲେ ଭଲ ହୁଅନ୍ତା। ତୁ ଯଦି ରାଜି ହେବୁ, ଏ ପ୍ରସ୍ତାବରେ ଆଗେଇବି। ପଙ୍କଜ କିନ୍ତୁ ସଙ୍ଗେ ସଙ୍ଗେ କୌଣସି ଉତ୍ତର ନ ଦେଇ ଦୁଇଦିନ ମଧ୍ୟରେ ନିଜ ମତାମତ ଜଣାଇବେ କହି ଅବନୀଙ୍କ ପାଖରୁ ବିଦାୟ ନେଲେ।

ପଙ୍କଜ ତ ବହୁ ପୂର୍ବରୁ ସୁଚେତାର ରୂପଗୁଣ ସମ୍ପର୍କରେ ସଚେତନ ଥିଲେ। ପ୍ରସ୍ତାବଟି ମଧ୍ୟ ଅତି ଉତ୍ତମ ଥିଲା। ତାଙ୍କ ଘର ପାଇଁ ସୁଚେତା ଉପଯୁକ୍ତ ବୋହୂଟିଏ ହୋଇପାରିବ ବୋଲି ମନ୍ତବ୍ୟ ଦେଇ ସେ ତାଙ୍କ ମା'ଙ୍କୁ ଫୋନ୍‌ରେ ଜଣାଇ ମତାମତ ଲୋଡ଼ିଲେ। ପୁଅର ଯେତେବେଳେ ମନ ମାନିଛି, ମା'ଙ୍କର ବିରୋଧ କରିବାର କିଛି କାରଣ ନଥିଲା। ପ୍ରସ୍ତାବ ଆଗେଇଲା।

ପଙ୍କଜଙ୍କର ସୁଚେତାଙ୍କ ସହିତ ବାହାଘର ହୋଇଗଲା। ବାହାଘରର କିଛିଦିନ ପରେ ଦିନେ ସୁଚେତା କହିଲା – ତୁମେ ତ ରାଜ୍ୟ ସରକାରଙ୍କର ଏତେବଡ଼ ଅଫିସରଟିଏ ହୋଇଛ। ନିଜ ସ୍ତ୍ରୀକୁ ତୁମ ଅଫିସ୍‌ରେ ହେଉ ବା ଅନ୍ୟ କେଉଁଠି ହେଉ ଚାକିରିଟିଏ କରାଇଦେଇପାରୁନ ? ମୁଁ ଏତେ ପାଠ ପଢ଼ି ଘର କୋଣରେ ବସିରହିବା ତୁମକୁ କ'ଣ ଖରାପ ଲାଗୁ ନାହିଁ ?

ସବୁଦିନେ ଏମିତି ଅଭିଯୋଗ ବାଢ଼ିବସେ ସୁଚେତା। ପଙ୍କଜ ଦିନେ ବଡ଼ ସଂକୋଚରେ ତାଙ୍କ ଉପରିସ୍ଥ ଅଫିସରଙ୍କୁ ଏ ସବୁ କଥା ଜଣାଇବାରୁ ସେ କହିଲେ – ଇଏ ଗୋଟାଏ କି ଛାର କଥା ! ଅତି ଶୀଘ୍ର ଆପଣଙ୍କ ସ୍ତ୍ରୀଙ୍କ ପାଇଁ ଆଡହକ୍ ନିଯୁକ୍ତିଟିଏର ବ୍ୟବସ୍ଥା କରାଇଦେବି।

ସୁଚେତା କଲେଜରେ ଆଡହକ୍ ନିଯୁକ୍ତି ପାଇଲା ପରେ ଖୁବ୍ ଉତ୍‌ଫୁଲ୍ଲିତା ହୋଇପଡ଼ିଥିଲା। ଏଣିକି ଜୀବନଟା ଅତ୍ୟନ୍ତ ସୁଖମୟ ହୋଇଉଠିବ ବୋଲି ଭାବିଥିଲେ ପଙ୍କଜ। ପଙ୍କଜଙ୍କ ଜନ୍ମ ନିପଟ ଏକ ମଫସଲରେ – ପାଣି କାଦୁଅଭରା ଧାନବିଲ ପରିପୂର୍ଣ୍ଣ ଅଞ୍ଚଳରେ। ବାପା ତାଙ୍କର ନାମମାତ୍ର ଚାଷୀ। ପଙ୍କଜଙ୍କର ମନେଅଛି, ସେ ଖାଲି ପାଦରେ ପ୍ରାୟତଃ ସ୍କୁଲକୁ ଯାଉଥିଲେ ମାଟ୍ରିକ୍ ପାସ୍ କରିବା ପର୍ଯ୍ୟନ୍ତ। ପ୍ୟାଣ୍ଟ ଶାର୍ଟ ମାତ୍ର ଦୁଇହଳ ଥିଲା ତାଙ୍କର। ସକଳ ସଂଘର୍ଷ ଭିତରେ ତାଙ୍କର ଛାତ୍ରଜୀବନ କଟିଯାଇଥିଲା। ସେହି ସଂଘର୍ଷ ହିଁ ଦେଇଥିଲା ତାଙ୍କୁ ସଫଳତା। ମାଟ୍ରିକ୍‌ରେ ସେ ଦଶଜଣଙ୍କ ଭିତରେ ସ୍ଥାନ ପାଇ ଗୌରବାନ୍ୱିତ କରିଥିଲେ ତାଙ୍କ ସ୍କୁଲ ଓ ଗାଁକୁ। କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ପ୍ରଦାନ କରିଥିଲେ ପଦସ୍ଥ ଅଧିକାରୀ ପଦବୀ।

ବିବାହର କିଛି ବର୍ଷ ପର୍ଯ୍ୟନ୍ତ ସେ ଅଫିସ୍‌ରୁ ଆସିବାମାତ୍ରେ ସୁଚେତା ତାଙ୍କୁ ବାହାରୁ ପାଛୋଟି ନେଉଥିଲା ଘର ଭିତରକୁ। ଅଫିସ୍‌ରୁ ଆସିବାରେ ଟିକେ ବିଳମ୍ବ ହେଲେସେ ବାରମ୍ବାର ଫୋନ୍ କରୁଥିଲା। ଥରେ ଥରେ ଷ୍ଟେନୋକୁ ନିର୍ଦ୍ଦେଶ ଦେଉଥିଲା ତାଙ୍କୁ ଶ୍ରୀଘ୍ର ଘରକୁ ପଠାଇ ଦେବାପାଇଁ। ହେଲେ ସେ ସମୟ କେବେଠାରୁ ଅତୀତ ହୋଇଗଲାଣି। ସୁଚେତା ଦୁଇଟି ସନ୍ତାନର ଜନନୀ। ପିଲାଦୁଇଟି ସ୍କୁଲକୁ ଯିବା ଆରମ୍ଭ କଲେଣି। ବଡ଼ପୁଅ ସାନପୁଅ ଭିତରେ ବ୍ୟବଧାନ ମାତ୍ର ତିନିବର୍ଷ। ବେଳେବେଳେ ପିଲାଙ୍କୁ ଘରେ ପାଠ ପଢ଼ାଇବା ସମୟରେ ସୁଚେତା ଅତ୍ୟନ୍ତ କଠୋର ହୋଇଉଠେ। ସାମାନ୍ୟ ତ୍ରୁଟିରେ ସେମାନଙ୍କୁ ପିଟାପିଟି କରେ। ପିଲାଙ୍କ ବିକଳ କାନ୍ଦଣାରେ ପଙ୍କଜ ବ୍ୟତିବ୍ୟସ୍ତ ହୋଇ ସେମାନଙ୍କ ସପକ୍ଷରେ କିଛି ସମ୍ବେଦନଶୀଳ କଥା କହିଲେ, ସୁଚେତା

ସଙ୍ଗେ ସଙ୍ଗେ ବିରକ୍ତ ହୋଇଉଠି ପ୍ରତିବାଦ କରେ ।

ଅଫିସ୍ କାମରେ ସଦା ବ୍ୟସ୍ତ ପଙ୍କଜ ବିଭିନ୍ନ ସମୟରେ ସରକାରୀ ଗସ୍ତରେ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନକୁ, ଏପରିକି ରାଜ୍ୟ ବାହାରକୁ ମଧ୍ୟ ଯାଇଥାନ୍ତି । ଥରେ ତାଙ୍କ ବାଲ୍ୟବନ୍ଧୁ ଅନିକେତ ସହ ସେକ୍ରେଟାରିଏଟ୍‌ରେ ଦେଖା ହୋଇଗଲା । ସେ କହିଲା – ଗତମାସ କୋଡ଼ିଏ ତାରିଖରେ ତୋ ମିସେସ୍‌କୁ ଜଣେ ସୁଦର୍ଶନ ବ୍ୟକ୍ତିଙ୍କ ସହ ପୁରୀ ବେଳାଭୂମିରେ ବୁଲୁଥିବାର ଦେଖିଥିଲି । ସେଦିନ ମୋର ଜଣେ ବନ୍ଧୁଙ୍କ ନିର୍ବନ୍ଧରେ ଯୋଗ ଦେବାପାଇଁ ମିସେସ୍‌ଙ୍କ ସହ ପୁରୀ ଯାଇଥିଲି । ସମୁଦ୍ରକୂଳରେ ବୁଲାବୁଲି କରିବା ସମୟରେ ଦୂରରୁ ତାଙ୍କ ଉପରେ ମୋର ନଜର ପଡ଼ିଯାଇଥିଲା । ସେମାନେ ମସଲା ମୁଢ଼ି କିଣୁଥିଲେ ।

ଅନିକେତର ଏପରି ମର୍ମଦାହୀ ବର୍ଣ୍ଣନାରେ ପଙ୍କଜଙ୍କ ହୃଦୟ ଖଣ୍ଡବିଖଣ୍ଡିତ ହୋଇଯାଇଥିଲେ ମଧ୍ୟ ସେ ଯଥାସମ୍ଭବ ନିଜକୁ ଆୟତ୍ତରେ ରଖି କଥାର ପ୍ରସଙ୍ଗ ବଦଳାଇ ଦେଇଥିଲେ ।

ଘରକୁ ଫେରିବା ପରେ ଆଉ ମୁହୂର୍ତ୍ତେ ବି ଶାନ୍ତିରେ ରହିପାରିଲେ ନାହିଁ ପଙ୍କଜ । ସର୍ବଦା ଅନିକେତର କଥା ପ୍ରତିଧ୍ୱନିତ ହେବାରେ ଲାଗିଲା । ସୁଚେତା ପ୍ରତି ଘୃଣାରେ ତାଙ୍କ ମନ ଭରିଯାଇଥିଲା । ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସୁଚେତା ଯେ ଧୀରେ ଧୀରେ ସ୍ୱେଚ୍ଛାଚାରିଣୀ ହୋଇଯାଇଛି, ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ଅନିକେତ ଯେଉଁ ତାରିଖରେ ସୁଚେତାକୁ ବେଳାଭୂମିରେ ଦେଖିଥିଲା, ସେ ତାରିଖରେ ପଙ୍କଜ ଦିଲ୍ଲୀରେ ଥିଲେ ।

ତହିଁ ପରଦିନ ସୁଚେତା କଲେଜ ଯାଇଥିବା ସମୟରେ ଘରେ ରୋଷେଇ କରୁଥିବା ପିଅନଟିକୁ ଡାକି ପଙ୍କଜ ପଚାରିଲେ – ମୁଁ ଟୁର୍‌ରେ ଥିବା ସମୟରେ ମାଡାମ୍ ସବୁଦିନେ କଲେଜରୁ ଫେରି ଘରେ ରୁହନ୍ତି ନା ବାହାରକୁ ଚାଲିଯାଆନ୍ତି ?

ପିଅନଟି ଥଅମଅ ହୋଇ କହିଲା – ମା' ପ୍ରାୟ ବାହାରକୁ ଯାଇ ଅଧିକ ରାତିରେ ଘରକୁ ଫେରନ୍ତି । ଛୁଟିଦିନମାନଙ୍କରେ ତ ସକାଳୁ ଚାଲିଯାଆନ୍ତି ଯେ, ଫେରୁ ଫେରୁ ରାତି ଅଧ ହୁଏ । ପଙ୍କଜଙ୍କ ମନେପଡ଼ିଗଲା, ଅନେକ ଦିନ ତଳେ ବଡ଼ପୁଅ ବବୁଲ ସୁଚେତା ବିରୋଧରେ ଏହିସବୁ କଥା କହୁଥିଲା । ସେମାନଙ୍କର ଭଲ ମନ୍ଦ କିଛି ନ ବୁଝି ମା' କିପରି ବହୁ ସମୟ ଧରି ବାହାରକୁ ଚାଲିଯାଉଛନ୍ତି – ସେ ଅଭିଯୋଗ ବାପାଙ୍କ ପାଖରେ କରିଥିଲା । ସେତେବେଳେ ଅବଶ୍ୟ ବବୁଲ କଥାରେ ପଙ୍କଜ କୌଣସି ଗୁରୁତ୍ୱ ଦେଇନଥିଲେ, କିନ୍ତୁ ଏବେ ପିଅନଠାରୁ ସବୁ ଶୁଣିବା ପରେ ଆଉ ଗୁରୁତ୍ୱ ନ ଦେବାର କାରଣ ନଥିଲା ।

ସେଦିନ ରାତିରେ ଶୋଇବା ସମୟରେ ସୁଚେତାକୁ ସବୁକଥା ପଚାରିଲେ ପଙ୍କଜ । ପ୍ରଥମେ ତ ସୁଚେତା ଫାଙ୍କି ଦେଉଥିଲା ; କିନ୍ତୁ ଅନିକେତ, ପିଅନ ଓ ବବୁଲ୍‌ର କଥା ଯେତେବେଳେ ଏକ ହୋଇଯିବାର ପ୍ରମାଣ ମିଳିଲା, ଆଉ ଅସ୍ୱୀକାର କରିପାରିଲା ନାହିଁ । ତେବେ କଥାଟା ଚଳାଇବା ଭଳି କହିଲା – ଏ ସହରରେ ମୋ ବାପଘର ଆଡ଼ର ବହୁ ବନ୍ଧୁବାନ୍ଧବ ଅଛନ୍ତି । ତୁମେ ତ ଟୁର୍‌ରେ ଚାଲିଯାଅ । ମୁଁ ଏକାଟିଆ ରହି ବୋର ହୋଇଯାଉଥିବାରୁ ବନ୍ଧୁମାନଙ୍କ ଘରକୁ ଯାଇ ବୁଲାବୁଲି କରି ଫେରିଆସେ ।

ପଙ୍କଜ ଆଉ ଅଧିକ କିଛି ନ କହି ନିରବ ହୋଇଗଲେ । ହେଲେ ଏଇ ନିରବତା ପାଇଁ ଭବିଷ୍ୟତରେ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲା ।

ପ୍ରବହମାନ ଏକ ନଦୀ ପରି ନାରୀର ଚରିତ୍ର ଶୃଙ୍ଖଳାର ବାଡ଼ବନ୍ଧ ଭାଙ୍ଗି ସେ ସର୍ବଦା ସ୍ୱାଧୀନତାର ସକଳ ନିର୍ଯ୍ୟାସ ଶୋଷଣ କରିନେବା ପାଇଁ ଚେଷ୍ଟିତ । ନାରୀ ପ୍ରତି ଅଧିକ ସ୍ନେହବଶରୁ ପୁରୁଷର ତ' ପ୍ରତି ଶ୍ରଦ୍ଧାଶୀଳ ମନୋଭାବକୁ ନାରୀ କୃତଜ୍ଞତାର ସହ ଗ୍ରହଣ କରିବା ପରିବର୍ତ୍ତେ ଏହା ପୁରୁଷର କାପୁରୁଷତା ଓ ଭୀରୁତା ଭାବେ ବିଚାର କରି ନିର୍ଭୟରେ ନିଜର ସ୍ୱେଚ୍ଛାଚାରିତାକୁ

ବିହ୍ବଳିତ କରିଦେଇଥାଏ। ଆଉ ପୁରୁଷ..... ନାରୀର ସ୍ଖଳନକୁ ଥରକ ପାଇଁ କ୍ଷମା ଦେବା ପରେ ପରବର୍ତ୍ତୀ ସମୟରେ ଯେତେ ଇଚ୍ଛା କଲେ ବି ତାକୁ ଶାସନର ଚଉହଦୀ ମଧ୍ୟରେ ଆବଦ୍ଧ କରି ରଖିପାରେନା ; ବରଂ ସେ ମଣିହରା ଫଣୀ ପରି ନାରୀ ନିକଟରେ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ ହୁଏ। ତାହାହିଁ ଘଟିଥିଲା ପଙ୍କଜଙ୍କ ଜୀବନରେ।

ସ୍ୱେଚ୍ଛାଚାରିଣୀ ସୁଚେତା ବିରୋଧରେ ସକଳ ପ୍ରମାଣ ପାଇବା ପରେ ବି ତାକୁ କ୍ଷମା ଦେଇ ପଙ୍କଜ ଭାବିଥିଲେ ତାଙ୍କ ଉଦାରତାରେ ସୁଚେତା କୃତଜ୍ଞ ହେଇ ନିଶ୍ଚୟ ଉଚିତ ମାର୍ଗକୁ ଫେରିଆସିବ। କିନ୍ତୁ ହେଲା କ'ଣ ? ସୁଚେତା କ'ଣ ଫେରିଆସିପାରିଲା ? ବରଂ ଅଧିକ ବେଗବତୀ ହେଲା ତା' ମନର ମୟୂରୀ। ଯେଉଁ ବନ୍ଧୁମାନଙ୍କୁ ସେ ଏକଦା ପଙ୍କଜଙ୍କ ଅଗୋଚରରେ ସାକ୍ଷାତ୍ କରୁଥିଲା, ସେମାନଙ୍କୁ ପ୍ରକାଶ୍ୟରେ ଏଣିକି ନିଜ ଘରକୁ ଆମନ୍ତ୍ରଣ କରି ପଙ୍କଜଙ୍କୁ ସେମାନଙ୍କ ସହିତ ପରିଚୟ କରାଇଦିଏ।

ସବୁ ବନ୍ଧୁଙ୍କ ମଧ୍ୟରେ ଆଶିଷ ତା'ର ଅତ୍ୟନ୍ତ ଘନିଷ୍ଠ। ଆଶିଷ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ସୁଚେତାର ଦୁଇଟି ଉପର ବ୍ୟାଚ୍‌ରେ ସେ ପଢୁଥିଲେ ବି କଲେଜ ଡ୍ରାମାରେ ଦୁହେଁ ନାୟକ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବା ଫଳରେ ଉଭୟଙ୍କର ଘନିଷ୍ଠତା ବୃଦ୍ଧି ପାଇଥିଲା। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କଲେଜରେ ବହୁବାର ସେ ପୁରସ୍କୃତ ହୋଇଛନ୍ତି। ପଙ୍କଜବାବୁ କିନ୍ତୁ ସୁଚେତା ଓ ଆଶିଷର ଏପରି ଅବାଧ ମିଳାମିଶାକୁ ଆଦୌ ପସନ୍ଦ କରୁନଥିଲେ।

ସେଥିପ୍ରତି ଭ୍ରୂକ୍ଷେପ ନଥିଲା ସୁଚେତାର; ବରଂ ଆଶିଷ ସହିତ ଯେତିକି ଅଧିକ ସେ ମିଶୁଥିଲା, ପଙ୍କଜଙ୍କ ଭଲମନ୍ଦ ପ୍ରତି ଧ୍ୟାନ ଦେବା ଅଭ୍ୟାସଟା ତା'ର ସେତେ କମି କମି ଆସୁଥିଲା। ଛୋଟ ଛୋଟ କଥାରେ ବି ତା'ର ବିରକ୍ତିଭାବ ଅଧିକ ପରିସ୍ଫୁଟ ହୋଇଉଠୁଥିଲା।

ସୁଚେତା ଏଣିକି ଶାଢ଼ି ପିନ୍ଧିବା ଛାଡ଼ି ଡ୍ରେସ୍ ପିନ୍ଧିବା ଆରମ୍ଭ କରିଦେଲାଣି। ଜଣେ ବନ୍ଧୁଙ୍କର ବିବାହ ଉତ୍ସବରେ ଯୋଗ ଦେବାପାଇଁ ସୁଚେତା ଜିନ୍‌ପ୍ୟାଣ୍ଟ ଓ ଚିପା ଶାର୍ଟ ପିନ୍ଧି ଗାଡ଼ିରେ ବସିପଡ଼ିଲା। ପଙ୍କଜ ବିରକ୍ତି ପ୍ରକାଶ କରି କହିଲେ– ତୁମେ ଜଣେ ଅଧ୍ୟାପିକା। ବହୁ ଛାତ୍ରଛାତ୍ରୀଙ୍କୁ ଗଢ଼ି ମଣିଷ କରୁଛ। ତା'ଛଡ଼ା ଆମେ ଏକ ପାରିବାରିକ ଉତ୍ସବକୁ ଯାଉଛେ। ଆମ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏହିଉତ୍ସବକୁ ଆସିଥିବେ। ତୁମେ ଏପରି ପୋଷାକରେ ଗଲେ ସେମାନେ କ'ଣ ଭାବିବେ ? ତେଣୁ ଏ ପୋଷାକ ପରିବର୍ତ୍ତନ କରି ଶାଢ଼ି ପିନ୍ଧି ଆସ।

ଗାଡ଼ିରୁ ହଠାତ୍ ଓହ୍ଲାଇପଡ଼ି ଅତ୍ୟନ୍ତ କଠୋର ସ୍ୱରରେ ସୁଚେତା କହିଲା – ମାଇଁ ଫୁଟ୍ ! ମୋର ସେ ରକ୍ଷଣଶୀଳ ଉତ୍ସବକୁ ଯିବାର ଆବଶ୍ୟକ ନାହିଁ। ତୁମେ ଏକାକୀ ଯାଅ। – କହି କହି ଘର ଭିତରକୁ ଚାଲିଗଲା। ଅଗତ୍ୟା ଏକାକୀ ଯିବାପାଇଁ ବାଧ୍ୟ ହୋଇଥିଲେ ପଙ୍କଜ। ସେଠାରେ ବାପା ବୋଉଙ୍କ ଠାରୁ ଆରମ୍ଭ କରି ସମସ୍ତ ଆତ୍ମୀୟସ୍ୱଜନ ସୁଚେତା ନ ଆସିବାର କାରଣ ପଚାରିଥିଲେ। କୌଣସି ଏକ ଆଳ ଦେଖାଇ କଥାଟାକୁ ଏଡ଼ାଇ ଯାଇଥିଲେ ପଙ୍କଜ।

ସାବିତ୍ରୀ ଦିନର ଘଟଣା ଅତ୍ୟନ୍ତ ବିବ୍ରତ କରିଦେଇଥିଲା ପଙ୍କଜଙ୍କୁ। ବ୍ରତଦିନ ଏକ ମୂଲ୍ୟବାନ୍ ସମ୍ବଲପୁରୀ ପାଟ ସୁଚେତାକୁ ଉପହାର ଦେଇ ପଙ୍କଜ ପଚାରିଲେ – ଏ ଶାଢ଼ିଖଣ୍ଡିକ ତୁମ ମନକୁ କେମିତି ପାଉଛି ?

ସୁଚେତା ନିସ୍ପୃହ ଚାହାଣିରେ ଚାହିଁ ଉତ୍ତର ଦେଲା – ଏତେ ମୂଲ୍ୟବାନ୍ ଶାଢ଼ି ନ ଆଣି, କମ୍ ଦାମ୍‌ର ଡ୍ରେସ୍‌ଟିଏ ଆଣିଥିଲେ ମୁଁ ଅଧିକ ଖୁସି ହୋଇଥାଆନ୍ତି।

ପଙ୍କଜ ସେଦିନ ଅଫିସ୍ ଗଲାବେଳେ ଲକ୍ଷ୍ୟ କଲେ ସୁଚେତା ମନ ପୂରାଇ ଟିଭି ସିରିଏଲ୍‌ଟିଏ ଦେଖୁଛି ଅଥଚ ସାବିତ୍ରୀ ବ୍ରତ ପାଇଁ ତା'ର ଟିକିଏ ବି ତତ୍ପରତା ନାହିଁ। କିନ୍ତୁ ସେ ଗଲାବେଳେ ରାସ୍ତାରେ ଦେଖିଲେ କେତେ କେତେ ଗୃହିଣୀ ସୁନ୍ଦର ସୁନ୍ଦର ଶାଢ଼ି ପିନ୍ଧି, ପୂଜାଥାଳି ହାତରେ ଧରି ମନ୍ଦିରକୁ ଯାଉଛନ୍ତି। ପଙ୍କଜ ମନକୁ ମନ କହିଲେ – ଯେଉଁ ସଧବା ନାରୀ ଶଙ୍ଖ

ସିନ୍ଦୂରକୁ ସମ୍ମାନ ଦେଇ ଜାଣେ ନାହିଁ, ତା'ର ସାବିତ୍ରୀ ବ୍ରତ କରିବାର କି ପ୍ରୟୋଜନ ?

ସୁଚେତା ଦୃଷ୍ଟିରେ ପଙ୍କଜ ଯେମିତି ଅପାଙ୍କ୍ତେୟ ହୋଇଉଠିଛନ୍ତି । ଥରେ ସେ ଅଫିସ୍ ଯିବାପାଇଁ ତରତର ହେଉଥିବା ବେଳେ ପଚାରିଦେଲେ – ସୁଚେତା ! ମୋର ଟାଇଟା କେଉଁଠି ଅଛି, ଦେଖିଛ କି ?

ସୁଚେତା ଚିହିଁକି ଉଠି କହିଲା – ମୁଁ କ'ଣ ତୁମର କେୟାର ଟେକର ନା ବଡିଗାର୍ଡ ? ଏଣିକି ତୁମର ପୋଷାକପତ୍ରକୁ ନଜର ଦେବାପାଇଁ ଜଣେ ଲୋକ ନିଯୁକ୍ତ କର !

ଅପମାନବୋଧରେ ସେଦିନ ପଙ୍କଜଙ୍କ ମୁହଁ ରଙ୍ଗା ପଡ଼ିଯାଇଥିଲା । ସେ ମନେ ମନେ ଭାବୁଥିଲେ, ତିନି ତିନିଟା ମୋବାଇଲ୍ ରଖି ସୁଚେତା ବନ୍ଧୁମାନଙ୍କ ସହ କଥାବାର୍ତ୍ତା ହୋଇପାରେ, ଟିଭି ସିରିଏଲ୍ ଭିତରେ ହଜିଯାଇପାରେ, ଅଣିଷ ସହ ଘଣ୍ଟା ଘଣ୍ଟା ଧରି ଗପ କରିପାରେ, ଅଥଚ ତାଙ୍କର ସାମାନ୍ୟତମ ଯତ୍ନ ନେବାପାଇଁ ଏତେ କୁଣ୍ଠା !

ସୁଚେତାର ବ୍ୟବହାରରେ ଅତିଷ୍ଠ ହୋଇ ଦିନେ ଶ୍ୱଶୁରଙ୍କୁ ଫୋନ୍ ଯୋଗେ ସବୁକଥା ଜଣାଇ ଦେଇଥିଲେ ପଙ୍କଜ । ଶ୍ୱଶୁର କହିଲେ – ତୁମ ବିରୋଧରେ ଝିଅର ମଧ୍ୟ ଅଭିଯୋଗ ଗୁରୁତର । ଅଫିସ୍ କାମ ବାହାନାରେ ତୁମେ ବାହାରେ ଅଧିକ ସମୟ ବିତାଉଛ । ତେଣୁ ସେ ତା'ର ସାଙ୍ଗସାଥି ମେଳରେ ଅଧିକ ସମୟ ଅତିବାହିତ କରିବାରେ ଦୋଷ କେଉଁଠି ରହିଲା ? ଉତ୍ତରରେ ପଙ୍କଜ କହିଲେ – ଯେଉଁ ସ୍ୱାମୀମାନେ ଘରଠାରୁ ଶହ ଶହ କିଲୋମିଟର ଦୂରରେ ଚାକିରି କରୁଛନ୍ତି, ସେମାନଙ୍କର ପତ୍ନୀମାନେ କ'ଣ ନିଜ ଘର ବା ପିଲାଙ୍କୁଆଙ୍କ ପ୍ରତି ଧ୍ୟାନ ନ ଦେଇ ଏମିତି ବାହାରେ ବୁଲୁଛନ୍ତି ?

ଦିନକର ଘଟଣା – ୨୦୦୯ ଅଗଷ୍ଟ ପନ୍ଦର ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ସୁଚେତା ଘରକୁ ଫେରିଲା ନାହିଁ । ଅପେକ୍ଷା କରି କରି ବ୍ୟସ୍ତ ହୋଇପଡ଼ିଲେ ପଙ୍କଜ । ରାତି ପ୍ରାୟ ସାଢ଼େ ଏଗାରଟା ସମୟରେ ସୁଚେତା ଘରେ ପହଞ୍ଚିଲା । ପଙ୍କଜ ଧୀର କଣ୍ଠରେ ପଚାରିଲେ – ଆଜି ଏତେ ବିଳମ୍ବ ହେଲା କାହିଁକି ?

ସୁଚେତା ଖୁବ୍ ଜୋର୍‌ରେ ଚିତ୍କାର କରିଉଠିଲା – କ'ଣ ହେଲା ସେଇଥି ? ତୁମେ ତ ସବୁଦିନେ ଅଧରାତିରେ ଫେରୁଛ ? ମୋର ଦିନେ ଡେରି ହୋଇଗଲା ଯେ, କ'ଣ ମେଦିନୀ ଫାଟିଗଲା ନା ମୋ ବିରହ ସହିନ ପାରି ତୁମେ ପାତାଳରେ ପ୍ରବେଶ କରିଗଲ ?

ଅଗତ୍ୟା ପଙ୍କଜ ଚୁପ୍ ରହିଲେ । ପ୍ରତିବାଦ କଲେ ସୁଚେତାର କଣ୍ଠସ୍ୱର ଆହୁରି ତୀବ୍ର ହେବ । ପଡ଼ୋଶୀ ପରିବାରମାନଙ୍କର ଶାନ୍ତି ଭଙ୍ଗ ହେବ । ତେଣୁ ସେ ଅଧିକ ଯୁକ୍ତିତର୍କ କରିବାକୁ ଚାହିଁଲେ ନାହିଁ । ସେହିଦିନଠାରୁ ପାରିବାରିକ ଯେତେ ବଡ଼ ଅଘଟଣ ଘଟିଗଲେ ସୁଦ୍ଧା ପଙ୍କଜ ସୁଚେତାକୁ କିଛି ପ୍ରଶ୍ନ କରନ୍ତି ନାହିଁ ।

ଆଉଦିନକର କଥା – ରାତି ବାରଟା ଟପିଗଲା ପରେ ଘରକୁ ଫେରିଲା ସୁଚେତା । ପାଦ ତା'ର ଟଳମଳ । ଶରୀରର ଭାରସାମ୍ୟ ରକ୍ଷା କରିପାରୁ ନାହିଁ । ମୁହଁରୁ ମଦର ଭଣଭଣ ଗନ୍ଧ ବାହାରୁଛି । ଏରୁଣ୍ଡିବନ୍ଧ ଡେଇଁ ଘର ଭିତରକୁ ପଶି ଆସୁ ଭୂଇଁରେ ଅଜାଡ଼ି ହୋଇପଡୁଥିଲା ସୁଚେତା । ବାହୁ ଦେଖାଇ ଅଟକାଇ ଦେଲେ ପଙ୍କଜ । ନିମ୍ନ ସ୍ୱରରେ କହିଲେ – ତୁମେ ଆଜି ମଦ ପିଇଛ ସୁଚେତା ? ଆମ ବଂଶର ମର୍ଯ୍ୟାଦା ଏମିତି ତଳେ ପକାଇଦେଲ ? ତୁମକୁ ଯେଉଁମାନେ ରାସ୍ତାରେ ଭେଟିଥିବେ, କ'ଣ ଭାବିଥିବେ ? କ'ଣ ଭାବିବେ ମୋତେ ? ମୋର ସ୍ତ୍ରୀ ହୋଇ ମୋ ସମ୍ମାନ ବି ଟିକେ ରଖିଲ ନାହିଁ ? ଛି ଛି, ଏତେ ତଳକୁ ଖସିଗଲ ? ତୁମ ବାପ-ମା' କ'ଣ ତୁମକୁ ଏଇ ସଂସ୍କାର ଦେଇ ଗଢ଼ିଥିଲେ ?

ଗର୍ଜି ଉଠିଲା ସୁଚେତା । ମୋ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବାକୁ ତୁମେ କିଏ ? କ'ଣ ଭାବିଛ କି ମୋତେ ? ଯଦି ତୁମର ଇଜ୍ଜତ ଚାଲିଯାଉଛି,

ତେବେ ମୋ ଠାରୁ ଆଜି ଏଇ ମୁହୂର୍ତ୍ତରେ ଅଲଗା ହୋଇଯାଅ । ତୁମ ପଛରେ କେବେବି ମୁଁ ଗୋଡ଼ାଇ ଯିବି ନାହିଁ । ତେବେ ଏତିକି ଜାଣିରଖ.... ହିନ୍ଦୁ ବିବାହର ଏ ପଦ୍ଧତି ଉପରେ ମୋର ଆଦୌ ବିଶ୍ବାସ ନାହିଁ । ପିଞ୍ଜରାବଦ୍ଧ ଜୀବନକୁ ମୁଁ ଘୃଣା କରେ । ଏ ପୃଥିବୀରେ ତୁମର ଯେତିକି ଅଧିକାର ଅଛି, ମୋର ବି ସେତିକି ଅଛି । ଆଇନଗତ ବ୍ୟବସ୍ଥା ମୁଁ ଭଲଭାବରେ ଜାଣିଛି ।

ନିର୍ମମ ବାକ୍ୟବାଣରେ ପଙ୍କଜଙ୍କୁ ପରାହତ କରି ସୁଚେତା ବେଡ୍‌ରୁମ୍‌କୁ ଚାଲିଗଲାଣି । ଡ୍ରଇଁରୁମ୍‌ର ଗୋଟିଏ ସୋଫା ଉପରେ ବସିପଡ଼ି ଅସହ୍ୟ ଅପମାନରେ ପିଲାଙ୍କ ପରି କାନ୍ଦିଉଠୁଥିଲେ ପଙ୍କଜ । କାନ୍ଦି କାନ୍ଦି ଭାବୁଥିଲେ– ସୁଚେତା ଯେଉଁ ଆଇନଗତ ବ୍ୟବସ୍ଥାର ଧମକ ଦେଇଗଲା, ତାହା କ'ଣ କେବଳ ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ? ଦିନ ଥିଲା, ପୁରୁଷ-ପ୍ରଧାନ ସମାଜରେ ନାରୀ ନିର୍ଯ୍ୟାତନା, ନାରୀ ଶୋଷଣ ବଢ଼ି ବଢ଼ି ଚାଲିଥିଲା । ସେଥିଲାଗି ନାରୀକୁ ସୁରକ୍ଷା ଯୋଗାଇ ଦେବାଲାଗି କଠୋର ଆଇନ ପ୍ରଣୟନ ହେଲା । କିନ୍ତୁ ବର୍ତ୍ତମାନ ! ଏବେ ପାଳି ପଡ଼ିଛି ପୁରୁଷର । ନାରୀର ପୁରୁଷ ପ୍ରତି ଅମାନବୀୟ ବ୍ୟବହାର ପାଇଁ କ'ଣ ଅଛି ଆଇନରେ ବ୍ୟବସ୍ଥା ? କିଏ ଶୁଣିବ ନିର୍ଯ୍ୟାତିତ ପୁରୁଷର ଦୁଃଖ-କାହାଣୀ–ସମ୍ବିଧାନ ନା ସଂସଦ, ନା ପ୍ରଶାସନ ? କିଏ ବିଶ୍ବାସ କରିବ ନିର୍ଯାତିତ ପୁରୁଷର ସତ୍ୟକଥନ ! ସକଳ ଆଇନ ପୁରୁଷ ପାଇଁ ନିରବ ।

ବନ୍ଧୁ ହୃଷୀକେଶ କହୁଥିଲେ – ତାଙ୍କ ଘର ପାଖରେ ଏକ ଛୋଟ ପରିବାର ବାସ କରୁଥିଲେ । ଗତବର୍ଷ ତାଙ୍କ ପୁଅର ବିବାହ ସମ୍ପନ୍ନ ହୋଇଥିଲା । ବିବାହର ମାତ୍ର କେତୋଟି ମାସ ପରେ ନବବଧୂର ଦୁର୍ବ୍ୟବହାରରେ ସେ ପରିବାର ଶାଶୂ, ଶ୍ବଶୁର, ନଣନ୍ଦ, ଦିଅର ଅତିଷ୍ଠ । ବୋହୂ କଥାକଥାକେ ଧମକ ଦେଉଛି – 'ସାରା ପରିବାରକୁ ପୋଲିସ୍‌ରେ ଦେବି । ସମସ୍ତଙ୍କୁ ଜେଲ୍ ପଠାଇଦେବି' । ଏଥିରେ ଶାଶୂ, ଶ୍ବଶୁର ଏପରିକି ସ୍ବାମୀ ମଧ୍ୟ ଚୁପ୍ । ସେମାନଙ୍କର ଭୟ ଆଇନକୁ... ଭୟ ପୋଲିସ୍‌କୁ.... ଭୟ ଜେଲ୍‌କୁ । ନିରବରେ ନବବଧୂର ଅତ୍ୟାଚାର ସହିବା ବ୍ୟତୀତ ସେମାନଙ୍କର ଅନ୍ୟ ପନ୍ଥା ନାହିଁ ।

ପଙ୍କଜ ଭାବିଲେ, ପ୍ରଥମେ ନିଜ ଆଡ଼ୁ କିଛି ଆଇନଗତ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ହେବ କି ? ନା ନା, ଏପରି କରିବା ଦ୍ବାରା କ'ଣ ଭାବିବ ଏ ସମାଜ ତାଙ୍କୁ ? ତାଙ୍କର ଯେଉଁ ପ୍ରତିଷ୍ଠା ଅଛି, ସେଥିରେ କଳଙ୍କ ଲାଗିଯିବ । ନିଜର ବନ୍ଧୁପରିଜନ ଛି-ଛାକର କରିବେ । ବୃଦ୍ଧ ପିତାମାତା ଦୁଃଖରେ ଭାଙ୍ଗିପଡ଼ିବେ । ତେବେ କ'ଣ କରିବେ ସେ ? ସୁଚେତାର ଏପରି କୁତ୍ସିତ ସ୍ବେଚ୍ଛାଚାରିତାକୁ କ'ଣ ଆଜୀବନ ମଥାପାତି ସହିଯିବେ ?

...ଅତୀତର ଗୋଟି ଗୋଟି କଥା ଭାବିଚାଲିଛନ୍ତି ପଙ୍କଜ । ସନ୍ଧ୍ୟା ହେଲାଣି, ତଥାପି ତାଙ୍କର ଭାବନା ଥମି ନାହିଁ । ଏପର୍ଯ୍ୟନ୍ତ ସୁଚେତା ସହିତ ତାଙ୍କର ଗଢ଼ିଆସିଥିବା ସମ୍ପର୍କ ଗୋଟି ଗୋଟି ହୋଇ ଚଳଚିତ୍ର ପରି ଭାସିଯାଉଛି ତାଙ୍କ ଆଖି ସମ୍ମୁଖରେ । ନିରାଶର ଦରିଆରେ ଅସହାୟ ଜୀବନର ପୋତଟି ଭାସିଚାଲିଛି ଲକ୍ଷ୍ୟହୀନ ଭାବରେ । ବତିଖୁଣ୍ଟ ଦେଖାଯିବାର ଆଉ ସମ୍ଭାବନା ନାହିଁ ।

ଏତିକିବେଳେ ଆସି ପହଞ୍ଚିଯାଇଛନ୍ତି ବନ୍ଧୁ ଅବନୀ । ପଙ୍କଜଙ୍କର ଏପରି ଦୟନୀୟ ଅବସ୍ଥାକୁ ଲକ୍ଷ୍ୟ କରି ସାନ୍ତ୍ୱନାଭରା ସ୍ବରରେ କହିଲେ – କେବଳ ଭାବିଚାଲିଲେ କ'ଣ ସବୁ ସମସ୍ୟାର ସମାଧାନ ହୋଇଯିବ ? ତୁମର ଏତେ ଶିକ୍ଷାଦୀକ୍ଷା ଥାଇ ବି କାହିଁକି ଏମିତି ବାଚାଳଙ୍କ ପରି ହେଉଛ ? ଏପର୍ଯ୍ୟନ୍ତ ଥାନାରେ ଖବର ନ ଦେଇ କ'ଣ ଠିକ୍ କରିଛ ? ନା, ଆଉ ଅପେକ୍ଷା କରିହେବ ନାହିଁ । ଚାଲ, ଅନ୍ତତଃ ଏଫ୍.ଆଇ.ଆର୍.ଟା ଦେଇଆସିବା । ନ ହେଲେ .... ଜାଣିଛନା, ସୁଚେତା ଯେପରି ଧୂର୍ତ୍ତ।... ସେ ଯଦି ପ୍ରଥମେ ତୁମେ ନାଁରେ ଏଫ୍.ଆଇ.ଆର୍ ଦେଇଦିଏ, ତୁମର ଅବସ୍ଥା କ'ଣ ହେବ ବୁଝିପାରୁଛ ? ନେଡ଼ଗୁଡ଼ ଜହ୍ନୁଣୀକୁ ବହାଇଦେଇ ଯେତେ କାନ୍ଦିଲେ ବି କେହି ଶୁଣିବେ ନାହିଁ ।

ପଙ୍କଜ କ'ଣ କରିବେ, କ'ଣ ନ କରିବେ କିଛି ଭାବିଚିନ୍ତି ଠିକ୍ କରି ପାରିଲେ ନାହିଁ। ସାରାଜୀବନ ଏକାଠି ବିତାଇବା ପାଇଁ ଅଗ୍ନିକୁ ସାକ୍ଷୀ ରଖି ପଣ କରିଥିବା ନାରୀଟି ବିରୋଧରେ କ'ଣ ସେ ଥାନାକୁ ଯିବେ ? ଏପରି ଅନ୍ୟାୟକୁ ଧର୍ମ କ'ଣ ସହିବ ? ନା ନା, ସେ ଏହା କଦାପି କରିପାରିବେ ନାହିଁ। ସୁଚେତା ବିରୋଧରେ ସେ କୌଣସି ଅଭିଯୋଗ ଥାନାରେ କରିବେ ନାହିଁ।

ଅବନୀ କହିଲେ – କ'ଣ ଆଉ ଏତେ ଭାବୁଛ ? ଭାବିଲେ କିଛି ଲାଭ ହେବ ନାହିଁ, ବରଂ ଅଧିକ କ୍ଷତି ସହିବ। ପ୍ରାକ୍ଟିକାଲ ହେବାକୁ ଚେଷ୍ଟା କର । ଯଦି ଏବହୁଁ ସତର୍କ ନ ହେବ, ସୁଚେତାର ଚକ୍ରାନ୍ତରେ ଦିନେ ଅଣନିଶ୍ବାସୀ ହୋଇପଡିବ। ସେ ତୁମକୁ ଯେକୌଣସି ମୁହୂର୍ତ୍ତରେ ଆଇନ ଜାଲରେ ଛନ୍ଦିଦେବ।


ପଙ୍କଜ ତଳକୁ ମୁହଁ ପୋତି କହିଲେ — ଏତେ ଦିନ ତ ସହିଲିଣି... ଏତେ ଧୈର୍ଯ୍ୟ ତ ଧରିଲିଣି.... ଆଉ କେଇଟା ଦିନ କ'ଣ ସୁଚେତାର ଲେଉଟାଣି ବାଟକୁ ଚାହିଁ ଅପେକ୍ଷା କରିପାରିବି ନାହିଁ ? ମୋର ମନ କହୁଛି, ସେ ତା'ର ଭୁଲ ବୁଝିପାରି ନିଶ୍ଚୟ ଫେରିଆସିବ।

ଅବନୀ ଆଉ ଅଧିକ କିଛି ନ କହି ଏକଲୟରେ ଚାହିଁରହିଥିଲେ ଏଇ ସରଳ ବିଶ୍ବାସୀ ନିରୀହ ମଣିଷଟିର ମୁହଁକୁ।

ସଭାପତି, ଉତ୍କଳ ସାହିତ୍ୟ ସମାଜ

ରାମଚନ୍ଦ୍ର ଭବନ, କଟକ

■ ■ ■

॥ ଶାରଦୀୟ ଅଭିନନ୍ଦନ ॥

ପବିତ୍ର ଦୁର୍ଗାପୂଜା ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି ଦୁର୍ଗତିନାଶିନୀ ମା' ଦୁର୍ଗା ଆପଣଙ୍କୁ ସହାୟ ହୁଅନ୍ତୁ

ଏଗ୍ରିକଲଚର୍ କଲୋନୀ, କଟକ
ମୋ: ୭୮୯୪୫୩୫୮୮୨

ସ୍ମୃତି ରଞ୍ଜନ ନାୟକ
ୱାଟର ପ୍ରୁଫିଙ୍ଗ୍ କଣ୍ଟ୍ରାକ୍ଟର

Bastabatara Pariprakash
PRACHEE ■ Vol. 1 ■ Issue - 7 ■ October 2015 ■ Title Code : ODIODI07446

Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

Editor : Dr. Bibhudatta Khandayatray ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ